# ବନପାଳ ତାଲିମ ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ



**ଜି.ଉଦୟଗିରି,୧୯।୧(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରିସ୍ଥିତ ବନପାଳ ତାଲିମ ବିଦ୍ୟାଳୟର ୫୬ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବନ ସଂରକ୍ଷକ ବିକାଶ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅନୁଗୁଳର ଓଡ଼ିଶା ବନରାଜିକ ମହାବିଦ୍ୟାଳୟର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜରେ ବନପାଳଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବନପାଳ ତାଲିମ ବିଦ୍ୟାଳୟରର ଉପ ବନସଂରକ୍ଷକ ଦିବାକର ବେହେରା ସ୍ୱାଗତ ଭାଷଣ ଦେବା ସହିତ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟରେ ତାଲିମ ନେଉଥିବା ୫୯ ବନପାଳଙ୍କ ପରୀକ୍ଷା ଫଳାଫଳ ଘୋଷଣା କରାଯିବା ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଫଳାଫଳ ପାଇଁ ପୁରସ୍କାର ସହିତ ମେଡାଲ ପ୍ରଦାନ କରାଯାଇଥିଲା। ସମାବର୍ତ୍ତନ ଉତ୍ସବରେ ସହକାରୀ ବନ ସଂରକ୍ଷକ କଳ୍ପନା ନାୟକଙ୍କ ସହିତ ବନପାଳ ଶଙ୍କର ପଣ୍ଡା, ବନରକ୍ଷୀ ପ୍ରଭାତ ପଣ୍ଡା, ନରୋତ୍ତମ ପ୍ରଧାନ ଓ ଡିଇଓ ବଳବନ୍ତ ସିଂ ସହଯୋଗ କରିଥିଲେ।

# ଉତ୍କର୍ଷ ଓଡ଼ିଶା ପାଇଁ ଦିନିକିଆ ଅଭିମୁଖୀକରଣ ସମ୍ମିଳନୀ



**ପାରଳାଖେମୁଣ୍ଡି,୧୯ ।୧(ସମିସ):** ଡିଆଇପିଏ ଟିମ୍ ଦ୍ୱାରା ଆୟୋଜିତ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' ପାଇଁ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅଧିବେଶନ ଶନିବାର ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଗୁଣନିଧି ନାୟକ, ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ଶିଳ୍ପ ଅଧିକାରୀ ସୁନାରାମ ସିଂ, ସିସିଡିର ନିର୍ଦ୍ଦେଶକ ଜଗନ୍ନାଥ ରାଜୁଙ୍କ ସମେତ ଲିଡ ଡିଷ୍ଟ୍ରିକ୍ଟ ମ୍ୟାନେଜର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗଜପତି ଏବଂ ଏହାର ଆଖପାଖ ଜିଲ୍ଲାର ସମ୍ଭାବ୍ୟ ନିବେଶକ ଯୋଗ ଦେଇଥିଲେ। ଏହି ଅଧିବେଶନରେ ଜମି ଆବଣ୍ଟନ, ପ୍ରକଳ୍ପ ସବ୍‌ସିଡି ଆଦି ସରକାର ଶିଳ୍ପାନୁଷ୍ଠାନକୁ ସମର୍ଥନ କରୁଥିବା ବିଭିନ୍ନ ଉପାୟ ଉପରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ଆଗ୍ରହୀ ନିବେଶକଙ୍କ ଠାରୁ ୩୭ ଆଇଆଇଏଫ୍ ଫର୍ମ ପୂରଣ ହୋଇଥିଲା। ଏଥିଦ୍ୱାରା ପ୍ରାୟ ୨୫୦ କୋଟି ପୁଞ୍ଜି ବିନିଯୋଗ ସହିତ ପ୍ରାୟ ୨,୦୦୦ ସ୍ଥାନୀୟ ନିଯୁକ୍ତି ସୃଷ୍ଟି ହେବ ବୋଲି ଆଶା କରାଯାଇଛି।

# କ୍ଲଷ୍ଟରସ୍ତରୀୟ ଏଫ୍‌ଏଲ୍‌ଏନ୍ ମେଳା



**ପାରଳାଖେମୁଣ୍ଡି,୧୯ ।୧(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ କତଲକଇଠା କ୍ଲଷ୍ଟରସ୍ତରୀୟ ଏଫ୍‌ଏଲ୍‌ଏନ୍ ମେଳା ସହ ମାସିକ କ୍ଲଷ୍ଟର ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆକେରାଣ୍ଡି ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆରସିସି ସିଏଚ୍.ଗୌରୀ ଅଧ୍ୟକ୍ଷତା କରିଥିଲେ। ଏହି କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମରେ ଗୋଷାଣି ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ଟି.କିଶୋର କୁମାର, ଏବିଇଓ ଏନ୍.ବିମଳ, କେରାଣ୍ଡି ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଯୋଗଦେଇ ନିରୀକ୍ଷଣ କରିଥିଲେ। କାର୍ଯ୍ୟକ୍ରମରେ କତଲକଇଠା ପଞ୍ଚାୟତ ଓ କେରାଣ୍ଡି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଏଫ୍‌ଏଲ୍‌ଏନ୍ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏମ୍. ରବି କୁମାର ସଂଯୋଜନା କରିଥିବା ବେଳେ ଡିଆଇଇଟିର ପ୍ରଶିକ୍ଷିକା ସନ୍ଧ୍ୟାରାଣୀ ପରିଚାଳନା କରିଥିଲେ।

# ୩ ବର୍ଷ ହେଲାଣି ସରୁନି ଅଙ୍ଗନବାଡ଼ି ଗୃହ ନିର୍ମାଣ

**ବାଲିଗୁଡ଼ା,୧୯।୧(ସମିସ)**



ପୁନାଦିରେ ସୀମିତ ହୋଇ ରହିଛି ଅଙ୍ଗନବାଡ଼ି ନିର୍ମାଣ କାର୍ଯ୍ୟ। ପର ପିଣ୍ଡାରେ ପଢୁଛନ୍ତି କୋମଳମତି ଶିଶୁ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ କୁଟିକିଆ ପଞ୍ଚାୟତ ସରୁକୁଇ ଗ୍ରାମରେ। ସୂଚନା ଅନୁଯାୟୀ, ସରୁକୁଇ ଗ୍ରାମରେ ବସବାସ କରୁଥିବା ଗ୍ରାମବାସୀଙ୍କ ଶିଶୁଙ୍କ ଶିକ୍ଷା ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ତିନି ବର୍ଷ ପୂର୍ବେ୍ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ହୋଇଥିଲା। ହେଲେ ଠିକାଦାର ଓ ଯନ୍ତ୍ରୀଙ୍କ ଅବହେଳା ଯୋଗୁଁ ପୁନାଦି ନିର୍ମାଣରେ ଅଟକିଛି ଅଙ୍ଗନବାଡି ଗୃହ ନିର୍ମାଣ କାର୍ଯ୍ୟ। ଫଳରେ ସରୁକୁଇ ଗ୍ରାମର ୨୧ ଜଣ କୋମଳମତି ଶିଶୁ ଝାଟିମାଟି ଘରେ ଏବଂ କେତେବେଳେ କାହା ପିଣ୍ଡାରେ ଏବଂ କେଉଁ ସମୟରେ ଗଛ ତଳେ ବସି ପାଠ ପଢୁଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରର ଏଭଳି ଦୟନୀୟ ଅବ୍ୟବସ୍ଥା ଦେଖି ଅଧିକାଂଶ ଶିଶୁ ଆସିବାକୁ ଅମଙ୍ଗ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ଷା ଦିନରେ ଅଙ୍ଗନବାଡ଼ିରେ

## ଅନ୍ୟ ପିଣ୍ଡାରେ ପଢୁଛନ୍ତି ଶିଶୁ

ଶିକ୍ଷା ବାଧାପ୍ରାପ୍ତ ହେଉଛି। ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମବାସୀ ଅନେକ ଥର ଗ୍ରାମ ସଭାଠାରୁ ଆରମ୍ଭ କରି ବିଡିଓଙ୍କୁ ଜଣାଇ ଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସିଡିପିଓ କ୍ରାଷ୍ଣା ପଣ୍ଡାଙ୍କୁ ପଚାରିବାରୁ ବାଲିଗୁଡ଼ା ବ୍ଲକରେ ଅସମ୍ପୂର୍ଣ୍ଣ ରହିଥିବା ସମସ୍ତ ଅଙ୍ଗନବାଡି କେନ୍ଦ୍ରର ମରାମତି ନିମନ୍ତେ ବ୍ଲକ ପ୍ରଶାସନଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ଯନ୍ତ୍ରୀ ଅନିଲ କୁମାର ସାହୁଙ୍କୁ ଏ ବିଷୟରେ ପଚାରିବାରୁ କୌଣସି ଯାନବାହନ ସେ ଅଞ୍ଚଳକୁ ଯାତାୟାତ କରିପାରୁ ନ ଥିବା ଯୋଗୁଁ କାମ କରି ହେଉନାହିଁ ବୋଲି କହିଥିଲେ। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଅଙ୍ଗନବାଡ଼ି ନିର୍ମାଣ କାର୍ଯ୍ୟ ଶେଷ କରିବା ନିମନ୍ତେ ଗ୍ରାମବାସୀଙ୍କ ସମେତ ସମିତିସଭ୍ୟ ଦୟାନିଧି ମଲିକ, ସରପଞ୍ଚ, ୱାର୍ଡସଭ୍ୟ ସାଉଟି ମଲିକ, ଶିବାନୀ ମଲିକ ଓ ଲଳିତା ବିଶି ମାଝୀ ଦାବି କରିଛନ୍ତି।

# କାମୟାବି ପୂର୍ବ ସୈନିକ ସଂଘର ପ୍ରତିଷ୍ଠା ଦିବସ



**ଟିକାବାଲି,୧୯।୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ଓ ଚକାପାଦ ବ୍ଲକର ଅବସରପ୍ରାପ୍ତ ସୈନ୍ୟଙ୍କ ଦ୍ୱାରା ଗଠିତ କାମୟାବି ପୂର୍ବ ସୈନିକ ସଂଘର ଟିକାବାଲି ଅନ୍ତର୍ଗତ ତେନ୍ତୁଳିଗଡ଼ ନିକଟ ବାଡ଼ିକିଆଠାରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାମୟାବୀ ପୂର୍ବ ସୈନିକ ସଂଗଠନର ଉପଦେଷ୍ଟା ସୁବେଦାର ମେଜର ନବୀନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ସଂଗଠନର ସଂପାଦକ ସୁବେଦାର ରମେଶ ଡିଗାଲ ଏବଂ ସଭାପତି ସୁବେଦାର ଉଦ୍ଧବ ମଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ନାଇକ ସୁବେଦାର ସୁରେସନ ପ୍ରଧାନ, ସହସମ୍ପାଦକ ନାଇକ ସୁବେଦାର ପ୍ରକାଶ ସାହୁ ଏବଂ କୋଷାଧ୍ୟକ୍ଷ ହାବିଲଦାର ବ୍ରହ୍ମରବର ଦିଗାଲ ଏବଂ ବହୁ ସୈନ୍ୟ ଅଧିକାରୀ ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର ଯୋଗ ଦେଇଥିଲେ। ସଙ୍ଘ ପାଇଁ ଏକ ସଭାଗୃହ ନିର୍ମାଣ ଉଦ୍ୟମ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଟିକାବାଲି, ଚକାପାଦ, ଘୁ.ଉଦୟଗିରି ଏବଂ ରାଇକିଆ ବ୍ଲକରୁ ବହୁ ସଂଖ୍ୟାରେ ଅବସରପ୍ରାପ୍ତ ସେନା ଅଧିକାରୀ ଯୋଗ ଦେଇଥିଲେ। ଏଥିସହ ସେମାନଙ୍କ ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏଥିରେ ୧୮ ଜଣ ସହିଦଙ୍କ ପରିବାରବର୍ଗ ଯୋଗ ଦେଇଥିଲେ। କାମୟାବୀ ପୂର୍ବ ସୈନିକ ସଂଗଠନର ଜାନୁଆରି ୧୯ରେ ଆରମ୍ଭ ହୋଇଥିବାରୁ ପ୍ରତ୍ୟେକ ବର୍ଷ ଏହି ଦିନ ପ୍ରତିଷ୍ଠା ଦିବସ ଭାବେ ପାଳନ କରାଯାଇଥାଏ। ସୈନିକ ପରିବାରର ଯୁବବର୍ଗଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅନୁଷ୍ଠାନ ସମାଜର ମଙ୍ଗଳ ନିମନ୍ତେ ସର୍ବଦା କାର୍ଯ୍ୟ କରିବ ବୋଲି ସଂଗଠନ ସମ୍ପାଦକ ମେଜର ରମେଶ ଦିଗାଳ ସୂଚନା ଦେଇଛନ୍ତି।

# ୧୦୫ ଏକର ଜମିର ଗଞ୍ଜେଇ ଚାଷ ନଷ୍ଟକଲା ପୁଲିସ

**ଦାରିଙ୍ଗବାଡ଼ି,୧୯।୧(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ସାଲେଜୁ ଓ କାଡ଼ାସପାଟା ଗ୍ରାମ ଅଞ୍ଚଳରେ ଥିବା ନାଳ ପାଖ ସରକାରୀ ଜମିରେ ଚାଷ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରିଛି ପୁଲିସ। ଦାରିଙ୍ଗବାଡି ତହସିଲଦାର ଶରତ ଶବରଙ୍କ ଉପସ୍ଥିତିରେ ୧୦୫ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷ କଟାଯାଇ ଜାଳି ନଷ୍ଟ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୮ କୋଟି ଟଙ୍କା ହେବ ବୋଲି ପୁଲିସ ସୂଚନା ଦେଇଛି। ଏନେଇ ଅଧିକ ତଦନ୍ତ ଚାଲିଛି। ଥାନା ଅଧିକାରୀ କନକ ମାଝୀଙ୍କ ନେତୃତ୍ୱରେ ଏସଆଇ ଜୟନ୍ତ ସେଠୀଙ୍କ ସମେତ ପୁଲିସ ଫୋର୍ସ ମୁତୟନ ହୋଇ ଗଞ୍ଜେଇ ଚାଷ ନଷ୍ଟ କରିଥିଲେ। ଚଳିତ ବର୍ଷ ଦାରିଙ୍ଗବାଡି ଥାନା ଅଞ୍ଚଳରେ ଶତାଧିକ ଏକର ଜାଗାରେ ଚାଷ ହୋଇଥିବା ଗଞ୍ଜେଇକୁ ନଷ୍ଟ କରାଯାଇଛି।



# କ୍ୟାଥଲିକ୍ ଚର୍ଚ୍ଚରେ ଆଧ୍ୟାତ୍ମିକ ଧ୍ୟାନ ଉଦ୍‌ଯାପିତ



**ରାଇକିଆ,୧୯।୧(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ କ୍ୟାଥଲିକ୍ ଚର୍ଚ୍ଚରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ତିନିଦିନିଆ କାରିସ୍ମାଟିକ୍ ଆଧ୍ୟାତ୍ମିକ ଧ୍ୟାନ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଛି। ତିନି ପ୍ୟାରିସର ୬୦ ମଣ୍ଡଳୀକୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କେରଳରୁ ଯାଜକ ସାଜିଙ୍କ ଗ୍ରୁପରେ ବହୁ ଯାଜକ, ସେବା ଭଗ୍ନୀ ପବିତ୍ର ବାଇବଲ ପଠନ କରି ଅସୁସ୍ଥ ଲୋକଙ୍କ ପାଇଁ ସାମୂହିକ ପ୍ରାର୍ଥନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମୁଖ୍ୟ ଧର୍ମ ଯାଜକ ପ୍ରଦୋଷ ଚନ୍ଦ୍ର ନାୟକ, ମନୋଜ ନାୟକ ଓ ସନାତନ ପ୍ରଧାନ ଆୟୋଜନ କରିଥିଲେ। ମଧ୍ୟାହ୍ନରେ ଏକ ସ୍ୱତନ୍ତ୍ର ଦିବ୍ୟ ଯଜ୍ଞରେ ସମସ୍ତ ଧର୍ମ ଯାଜକ ଯୋଗଦେଇ ଅଞ୍ଚଳ ତଥା ସାରା ବିଶ୍ୱ ପାଇଁ ସାମୂହିକ ପ୍ରାର୍ଥନା କରିଥିଲେ। ଖ୍ରୀଷ୍ଟ ବିଶ୍ୱାସୀ ସେମାନଙ୍କ ପରିବାରର ମନସ୍କାମନା ପୂରଣ ପାଇଁ ବିଭିନ୍ନ ଫଳ ସାମଗ୍ରୀ, ମହମବତୀ ପ୍ରଭୁ ଯୀଶୁଙ୍କୁ ଅର୍ପଣ କରିଥିଲେ। ସମସ୍ତ ସେବାଭଗ୍ନୀଙ୍କ ସହ ମଦର ଟେରେସା ସଂଘର ସେବାଭଗ୍ନୀ ଉପସ୍ଥିତ ଥିଲେ। ଯାଜକ ପୁରୁଷୋତ୍ତମ ନାୟକ, ଜେରମ ନାୟକ, ଭଞ୍ଜ କିଶୋର ନାୟକ, ସୁଶାନ୍ତ ପ୍ରଧାନ, କମିଟିର ସମସ୍ତ କର୍ମକର୍ତ୍ତା ଓ ପ୍ରଚାରକ ସମୂହ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ମଣ୍ଡଳୀରୁ ଆସିଥିବା ଯୁବକ, ଯୁବତୀ ଗୋଷ୍ଠୀ ଯଜ୍ଞ କାଳୀନ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ବହୁ ସଂଖ୍ୟକ ଖ୍ରୀଷ୍ଟ ଧର୍ମାବଲାମ୍ବୀ ଉପସ୍ଥିତ ଥିଲେ।

# ସିପିଆଇଏମ୍ କାର୍ଯ୍ୟାଳୟରେ ଜଗନ୍ନାଥ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ପାରଳାଖେମୁଣ୍ଡି,୧୯ ।୧ (ସମିସ):** ପାରଳାଖେମୁଣ୍ଡି ସ୍ଥିତ ସିପିଆଇ(ଏମ୍) କାର୍ଯ୍ୟାଳୟରେ କମ୍ରେଡ ଜଗନ୍ନଥ ମିଶ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସିପିଆଇ(ଏମ୍) ରାଜ୍ୟ ପରିଷଦ ସଦସ୍ୟ ଦଣ୍ଡପାଣି ରଇତଙ୍କ ତତ୍ତ୍ୱାବଧାନରେ ସଭାହୋଇଥିଲା । ସେ ଜଣେ ଲଢୁଆ ଓ ଗରୀବ ଲୋକଙ୍କ ନେତା ଥିଲେ । ବିଶେଷ କରି ଗଜପତି ଜିଲ୍ଲାର ଦଳୀୟ କର୍ମୀ ଓ ଜିଲ୍ଲାବାସୀଙ୍କ ପାଇଁ ଥିବା ତ୍ୟାଗକୁ ଭୁଲିହେବ ନାହିଁ ବୋଲି ସ୍ମୃତିଚାରଣ କରାଯାଇଥିଲା। କମ୍ରେଡ୍ ମିଶ୍ର ମୃତ୍ୟୁ ପରେ ମଧ ଲୋକଙ୍କ ଶରୀରରେ ରହିବେ। କାରଣ ନିଜର ଅଙ୍ଗଦାନ କରି ସେ ଜନମାନସରେ ଅମର ରହିବେ ବୋଲି କୁହାଯାଇଥିଲା। ମହାନୀୟହଁ ରହିବେ । ଜୀବନକାଳରେ କଲେଜ ସମୟରେ ଛାତ୍ରନେତା ଭାବେ ନିଜର ରାଜନୈତିକ ଭବିଷ୍ୟତ ଆରମ୍ଭ କରି ସିପିଆଇ(ଏମ)ର ରାଜ୍ୟ ସମ୍ପାଦକ ଭାବେ ଦୀର୍ଘ ପଞ୍ଚାବନ ବର୍ଷ ଦାୟିତ୍ୱ ତୁଲାଇଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ସିପିଆଇ(ଏମ) ଜିଲ୍ଲା ସମ୍ପାଦକ ଏମ. ବାଙ୍ଗାରି, କୋଣ୍ଡିଙ୍ଗୀ ମିନ୍ନା ରାଓ, ମୋହିତ ମିସାଲ, ଶ୍ରୀନୁ ବେହେରା, ବାଲ୍ଲା ଚଲାପତି ରାଓ, କେ. ବାଳକୃଷ୍ଣ, ବରିଷ୍ଠ ଓକିଲ ଉପେନ୍ଦ୍ର ନାୟକ, ଅଲ ଇଣ୍ଡିଆ ଫରୱାଡର୍ ବ୍ଲକ ଜିଲ୍ଲା ସଭାପତି ପାଇଲା ମୁରଲୀ କ୍ରିଷ୍ଣା ପ୍ରମୁଖଙ୍କ ସମେତ ବହୁ ବାମପନ୍ଥୀ ନେତା ଓ କର୍ମୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।




# ନୂତନ ଥାନାଧିକାରୀଙ୍କ କାର୍ଯ୍ୟଭାର ଗ୍ରହଣ

**ଟିକାବାଲି,୧୯।୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ଥାନାରେ ନୂତନ ଅଧିକାରୀ ଭାବେ ବଳଭଦ୍ର ଗଣ୍ଡ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବୌଦ୍ଧ ଜିଲ୍ଲାର ବାଉଁସୁଣି ଥାନାରେ କାର୍ଯ୍ୟରତ ଥିଲେ। ସେ ଟିକାବାଲି ଅଞ୍ଚଳରେ ଟ୍ରାଫିକ ସମସ୍ୟା, ଶାନ୍ତିଶୃଙ୍ଖଳା ରକ୍ଷା, ରାହାଜାନୀକୁ ନିୟନ୍ତ୍ରଣ ଏବଂ ରାତ୍ରି ପାଟ୍ରୋଲିଂ, ଚୋରା ଦେଶୀ ମଦ କାରବାରକୁ ରୋକିବା ପାଇଁ ଗୁରତ୍ୱ ଦେବେ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ପୂର୍ବରୁ କାର୍ଯ୍ୟରତ ଥାନା ଅଧିକାରୀ କଲ୍ୟାଣିମୟୀ ସେଣ୍ଢଙ୍କୁ ଜଗତସିଂପୁର ଜିଲ୍ଲାକୁ ବଦଳି ହୋଇଛି।

# ଦୋକାନରୁ ଟଙ୍କା ଚୋରି; ଯୁବକ ଗିରଫ

**ଗୋଷାଣି,୧୯ ।୧(ସମିସ):** ଗଜପତି ଜିଲ୍ଲା ଗୁରାଣ୍ଡି ଥାନା ଅନ୍ତର୍ଗତ ସାତମାଇଲ ଛକ ଗ୍ରାମରେ ଥିବା ଏକ ଦୋକାନରୁ ଟଙ୍କା ଚୋରି କରି ଜଣେ ଯୁବକ ଗିରଫ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ସାତମାଇଲ ଛକ ଗ୍ରାମରେ ଥିବା ଇପିଲି ବିଷ୍ଣୁଙ୍କ ଦୋକାନରେ ଦୁଇ ଦିନ ପୂର୍ବେ ଚୋରି ହୋଇଥିଲା। ଯାହାକୁ ଭିତ୍ତି କରି ବିଷ୍ଣୁ ଗୁରାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ନେଇ ଗୁରାଣ୍ଡି ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ ହୋଇଥିଲା । ଥାନା ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ତଦନ୍ତ ଆରମ୍ଭ ହୋଇଥିବା ବେଳେ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିଥିଲା ପୁଲିସ। ସିସିଟିଭିରେ ଚୋର ସମ୍ପର୍କରେ ଜଣାପଡିଥିଲା। ଯୁବକ ଜଣକ ସେହି ଦୋକାନରେ କାମ କରୁଥିବା ଖଗେଶ୍ୱର ମୁଲୀ ବୋଲି ଜଣାପଡିଥିଲା। ସେ ଗତ କିଛି ଦିନ ହେଲା ହାଇଦ୍ରାବାଦରୁ ଆସି ବିଷ୍ଣୁଙ୍କ ଦୋକାନରେ କାମ କରୁଥିଲା। ଚୋରି କରିବା ଦିନ ବିଷ୍ଣୁଙ୍କ ଦୋକାନରେ ନଗଦ ୭୦ହଜାର ଟଙ୍କା ରହିଥିଲା। ଅଭିଯୁକ୍ତ ଖଗେଶ୍ୱର ଦୋକାନ ଗୃହର ତାଲାଭାଙ୍ଗି ପଶିଥିବା ବେଳେ ଦୋକାନର କ୍ୟାସ୍ ବକ୍ସରେ ଥିବା ୭୦ ହଜାର ଟଙ୍କା ଧରିପଳାଇଥିଲା। ରବିବାର ସେ ପୁଣି ହାଇଦ୍ରାବାଦ ଯିବା ପାଇଁ ମସୁଧା ଚଳାଇଥିବା ବେଳେ ଗୁରାଣ୍ଡି ଥାନା ପୁଲିସ ତାକୁ ଧରିବାରେ ସଫଳ ହୋଇଥିଲା । ଗିରଫ ପରେ ଖଗେଶ୍ୱରକୁ କୋର୍ଟ ଚାଲାଣ କରାଯାଇଥିବାର ଥାନା ଅଧିକାରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ।

# ଗାଁକୁ ନାହିଁ ପକ୍କା ରାସ୍ତା; ହନ୍ତସନ୍ତ ହେଉଛନ୍ତି ୨ ପଞ୍ଚାୟତବାସୀ

**ପାରଳାଖେମୁଣ୍ଡି,୧୯ ।୧(ସମିସ)**

ପ୍ରତ୍ୟେକ ନାଗରିକଙ୍କ ଅଧିକାର ରହିଛି ମୌଳିକ ଅଧିକାର ପାଇବା ଓ ପ୍ରତ୍ୟେକ ସରକାରଙ୍କ ଦାୟିତ୍ୱ



ରହିଛି ନାଗରିକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା। ହେଲେ ସରକାରୀ କର୍ମଚାରୀଙ୍କ ଅବହେଳା ଯୋଗୁଁ ଏହି ଲକ୍ଷ୍ୟ ପୂରଣ ହୋଇପାରୁନି। ଗୋଷାଣି ବ୍ଲକର ଦୁଇ ପଞ୍ଚାୟତବାସୀ ଏହାର ଉଦାହରଣ ବୋଲି କୁହାଯାଇଛି। ଆଜି ବି ଗାଁକୁ ପକ୍କା ରାସ୍ତା ନିର୍ମାଣ ହୋଇପାରିନି। ନିଜ ନିଜ ଗାଁକୁ ଯିବା ଆସିବା କରିବା ପାଇଁ ଲୋକେ ହେଉଛନ୍ତି ହନ୍ତସନ୍ତ। ତାହା ପୁଣି ବ୍ଲକ ସଦରମହକୁମାଠାରୁ ମାତ୍ର ପାଞ୍ଚରୁ ଛଅ କିମି ଦୂରତାରେ ରହିଛି। ଗ୍ରାମବାସୀ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ପକ୍କା ରାସ୍ତା ନିର୍ମାଣ ପାଇଁ ଦାବି କରି ନୟାନ୍ତ ହେଲେଣି। ସରକାରୀ ଅଧିକାରୀଙ୍କ ପଦକ୍ଷେପ ପ୍ରତିଶ୍ରୁତିରେ ସୀମିତ ରହିଛି।

ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସଦରମହକୁମାଠାରୁ ମାତ୍ର ପାଞ୍ଚରୁ ଛଅ କିମି ଦୂରତାରେ ଥିବା ଦୁଇ ପଞ୍ଚାୟତ ଅନ୍ତର୍ଗତ ଦୁଇ ଗ୍ରାମର ରାସ୍ତା ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏହି ଦୁଇ ଗ୍ରାମ ହେଲା ବଡଗୋଷାଣି ପଞ୍ଚାୟତ ଅନ୍ତର୍ଗତ ବୀରନାରାୟଣପୁର ଏବଂ ଶରଧାପୁର ପଞ୍ଚାୟତ ଅନ୍ତର୍ଗତ ଏସ୍‌ଏନଡି ପେଣ୍ଠ ଗ୍ରାମ। ଉଭୟ ପଞ୍ଚାୟତର ଉଭୟ ଗ୍ରାମକୁ ଆଙ୍କୁଡୁ ଗ୍ରାମ୍ୟରାସ୍ତା ଦେଇ ଯିବାକୁ ପଡେ। ଆଙ୍କୁଡୁ ଛକ ପର୍ଯ୍ୟନ୍ତ ଆରଡି ରାସ୍ତା ରହିଛି। ସେଠାରୁ ବୀରନାରାୟଣପୁର ୧.୫ କିମି ଏବଂ ଏସ୍‌ଏନଡି ପେଣ୍ଠ ଯିବାକୁ ହେଲେ ପ୍ରାୟ ୨.୫ କିମି ରାସ୍ତା ଅତିକ୍ରମ କରିବାକୁ ହୁଏ। ଏହି ୨.୫ କିମି ରାସ୍ତା ପୂର୍ବରୁ ଜମିହୁଡା ଥିବାବେଳେ ଗତ କେଇ ବର୍ଷ ହେଲା ମନରେଗାରେ କାମ କରାଯାଇ ମରମ ମାଟି ପକାଇଯାଇଛି । ଏପରି ଏକ ଅଣଅସାରିଆ ମାଟିରାସ୍ତା ହିଁ ଏମାନଙ୍କ ସାହା ଭରସା ହେଉଛି। ବିଶେଷ କରି ବର୍ଷା ଦିନେ ଏହି ମାଟି

## ବାରମ୍ବାର ଅଭିଯୋଗ ପରେ ବି ଶୁଣୁନି ପ୍ରଶାସନ

ରାସ୍ତା ଦେଇ ଯିବାଆସିବା ସମ୍ଭବ ହୋଇପାରୁନାହିଁ । ଯାନବାହନ ଦୂର କଥା ପାଦରେ ଚାଲିଯିବା ମଧ କଷ୍ଟକର ହେଉଛି। ଲୋକେ ଆଜି ବି ଚାଲି ଚାଲି ଗୁରାଣ୍ଡିସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର, ହାଇସ୍କୁଲ ଆଦିକୁ ଯାଉଛନ୍ତି। ଏହି ଦୁଇ ପଞ୍ଚାୟତର ଦୁଇ ଗ୍ରାମର ଜନସଂଖ୍ୟା ଏକ ହଜାର ପାଖାପାଖି ରହିଛି । ସେହିଭଳି ଏସ୍‌ଏନଡି ପେଣ୍ଠ ଗ୍ରାମରୁ ପଞ୍ଚାୟତ ସଦରକୁ ଯିବାକୁ ପକ୍କା ରସ୍ତା ରହିଥିଲେ ମଧ୍ୟ ଏଠାରୁ କୌଣସି କାର୍ଯ୍ୟରେ ବ୍ଲକ ସଦରମହକୁମା କିମ୍ବା ଗୁରାଣ୍ଡି ଗ୍ରାମକୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଯିବାକୁ ହେଲେ ବୀରନାରାୟଣପୁର ଦେଇ ମାଟି ରାସ୍ତାରେ ଯିବାକୁ ପଡିଥାଏ।

ବୀରନାରାୟଣପୁର ଗ୍ରାମବାସୀ ମଧ୍ୟ ଅନୁରୂପ ସମସ୍ୟାର ସମ୍ମୁଖୀନ ହେଉଥିବାର ପ୍ରକାଶ କରିଛନ୍ତି। ସେମାନଙ୍କ ପାଇଁ ଏକମାତ୍ର ମାଟି ରାସ୍ତା ଥିବା ଯୋଗୁଁ ଗମନାଗମନରେ ନାନାଦି ଅସୁବିଧା ଉପୁଜୁଥିବା ବେଳେ ଗ୍ରାମକୁ ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ଗାଡି ଆସିପାରୁ ନ ଥିବାର ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଅନ୍ୟପକ୍ଷରେ ଶରଧାପୁରଠାରୁ ଆଙ୍କୁଡୁ ଛକ ଗ୍ରାମ୍ୟ ରାସ୍ତାରେ ଥିବା ଏହି ଦୁଇପଞ୍ଚାୟତର ଦୁଇଟି ଗ୍ରାମ ବ୍ଲକ ସଦରମହକୁମାର ଅତି ନିକଟରେ ଥିଲେ ମଧ୍ୟ ଏହା ପ୍ରଶାସନିକ ଦୃଷ୍ଟି ଆଢୁଆଳରେ ରହିଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି।



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଦୁଲାମଣି ପଣ୍ଡା

ଆବିର୍ଭାବ - ୨୦/୧୨/୧୯୩୯
ତିରୋଧାନ - ୧୦/୦୧/୨୦୨୫
ପଣ୍ଡାଳମ, ବାଙ୍କୀ, କଟକ

ଚାହୁଁ ଚାହୁଁ ଏଗାର ଦିନ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ : ପୁଅ - ଦିଲ୍ଲୀପ, ବୋହୂ- କାଦମ୍ବିନୀ, ନାତି- ଚଗଲା, ନାତୁଣୀ - ଲାଲି, ଝିଅ - ସୌଦାମିନୀ, ବିଳାସ, ଲତା, ନମିତା, ଜ୍ୱାଇଁ - ଦେବରାଜ ଓ ବୈକୁଣ୍ଠ ଆତ୍ମୀୟ ପରିବାରର ବର୍ଗ ସମେତ

ଏମ୍‌କେସିଜିର ବିଭିନ୍ନ ରାସ୍ତା ମରଣଯନ୍ତା

# ଦେଢ଼ ବର୍ଷରେ ଖୋଳିଦେଲେ ୭୦ ଲକ୍ଷର ପିଚୁ ରୋଡ୍

ବ୍ରହ୍ମପୁର,୧୯ ।୧(ସମିସ)

ରୋଗୀଙ୍କ ଉତ୍ତମ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଉକ୍ତ ଟଙ୍କାରେ ରୋଗୀଙ୍କ ଚିକିତ୍ସାଠାରୁ ଆରମ୍ଭ କରି ମେଡିକାଲର ଭିତ୍ତିଭୂମିର ବିକାଶ କରାଯାଉଛି । ଏହା ରୋଗୀଙ୍କୁ ଉତ୍ତମ ସେବା ସହ ଚିକିତ୍ସା ଯୋଗାଇବାରେ ସହାୟ ହେଉଛି । କିନ୍ତୁ ଏମକେସିଜି ମେଡିକାଲରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି । ମେଡିକାଲ ପରିସରରେ ଭୂତଳ ବିଦ୍ୟୁତ ତାର ବିଛାଇବା ସମେତ ବିଭିନ୍ନ ପ୍ରକଳ୍ପ ନାମରେ ରାସ୍ତା ଖୋଳା ଯାଉଛି । କିନ୍ତୁ ସଠିକ ସମୟରେ ରାସ୍ତା ମରାମତି କରାଯାଉନି । ଏବେ ଗୁରୁତର ରୋଗୀଙ୍କ ନିମନ୍ତେ ଏଗୁଡ଼ିକ ମରଣଯନ୍ତା ପାଲଟିଛି । ଏହି ରାସ୍ତାରେ ରୋଗୀଙ୍କ ସମ୍ପର୍କୀୟମାନେ ଷ୍ଟ୍ରେଚର୍ ଓ ହ୍ୱିଲଚେୟାରରେ ରୋଗୀ ନେବା ଆଣିବା ବେଳେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ଏମ୍‌କେସିଜି ମେଡିକାଲ ପରିସରର ବିଭିନ୍ନ ରାସ୍ତାରେ ସିମେଣ୍ଟ ରୋଡ୍ ରହିଥିବା ବେଳେ ଉକ୍ତ ରାସ୍ତାଗୁଡ଼ିକରେ ଷ୍ଟ୍ରେଚର୍ ଓ ହ୍ୱିଲଚେୟାରରେ ସାହାଯ୍ୟରେ ରୋଗୀ ଗୋଟିଏ ବିଭାଗରୁ ଅନ୍ୟଏକ ବିଭାଗକୁ ନେବା ଆଣିବା କରିବା କଷ୍ଟକର ହେଉଥିଲା । ଏହାକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ପକ୍ଷରୁ ୨୦୨୩ ମାର୍ଚ୍ଚ ମାସରେ ପ୍ରାୟ ୭୦ଲକ୍ଷ ଟଙ୍କା ବ୍ୟୟରେ ପିଚୁ ରାସ୍ତା ନିର୍ମାଣ କରାଯାଇଥିଲା । ମେଡିକାଲର ସେଣ୍ଟ୍ରାଲ ଲାଇବ୍ରେରୀଠାରୁ ରେଡିଓଲୋଜି ବିଭାଗ ଏବଂ ଓପିଡିଠାରୁ ଆରମ୍ଭ କରି ଶୌଚାଳୟ ଦେଇ ପିଏମଏସଏସୱାଇ କୋଠା ପର୍ଯ୍ୟନ୍ତ ନୂତନ ପିଚୁ ରାସ୍ତା ନିର୍ମାଣ କରାଯାଇଥିଲା । କିନ୍ତୁ ମାତ୍ର ୨୧ମାସରେ ଉକ୍ତ ପିଚୁ ରୋଡ୍ ନଷ୍ଟ ହୋଇ ତାହା ରୋଗୀଙ୍କ ନିମନ୍ତେ ମରଣଯନ୍ତା ପାଲଟିଛି । ବିଭିନ୍ନ କାରଣକୁ ନେଇ ଅନେକ ସମୟ ଧରି ବିଦ୍ୟୁତ ବିଚ୍ଛିନ୍ନ କାରଣରୁ ରୋଗୀଙ୍କ ଚିକିତ୍ସାରେ ବାଧା ସୃଷ୍ଟି ହେଉଥିବା ନଜିର ରହିଛି । ଏହାକୁ ଦୂର କରିବା ନିମନ୍ତେ ପ୍ରାୟ ୨କୋଟି ଟଙ୍କା ବ୍ୟୟରେ ମେଡିକାଲର ବିଭିନ୍ନ ବିଭାଗକୁ ଭୂତଳ ବିଦ୍ୟୁତ ତାର ବିଛାଇବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି । ଏଥିରେ ନିମନ୍ତେ ଏକ ଘରୋଇ ସଂସ୍ଥା ପକ୍ଷରୁ ମେଡିକାଲ ପରିସରରେ ବିଭିନ୍ନ ସ୍ଥାନ ରାସ୍ତାକୁ ଖୋଳା ଯାଇଛି । କିନ୍ତୁ ଖୋଳା ଯାଇଥିବା ରାସ୍ତାକୁ ସଠିକ୍ ଭାବେ ମରାମତି କରାଯାଇନଥିବା ବେଳେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ମେଡିକାଲର ଓପିଡି କୋଠା ଏବଂ ଆଶୁ ଚିକିତ୍ସା ବିଭାଗଠାରୁ ରେଡିଓଲୋଜି ବିଭାଗକୁ ଯାଇଥିବା ରାସ୍ତାର ବିଭିନ୍ନ ସ୍ଥାନ ଖୋଳା ଯାଇଛି । ରାସ୍ତାର ବିଭିନ୍ନ ସ୍ଥାନରେ ମାଟି ଓ ପଥର ପଡ଼ି ରହିଛି । ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ବିଭିନ୍ନ ବିଭାଗ ଶତାଧିକ ରୋଗୀ ଏକ୍ସରେ ଓ ଅଲଟ୍ରାସାଉଣ୍ଡ କରିବାକୁ ଯାଇଥାନ୍ତି । ସେଥି ମଧ୍ୟରୁ ବହୁ ରୋଗୀଙ୍କ ଚଳାଚଳ କରିପାରୁନଥିବାରୁ ବେଳେ ଷ୍ଟ୍ରେଚର୍ ଓ ହ୍ୱିଲଚେୟାରରେ ଯାତାୟାତ କରିଥାନ୍ତି । ମେଡିକାଲ୍ ବିଭିନ୍ନ ସ୍ଥାନରେ ରାସ୍ତା ଖୋଳା ଯାଇଥିବା ବେଳେ ରୋଗୀଙ୍କ ପାଇଁ ଏହି ରାସ୍ତା ବିପଦ ସାଜିଛି । ରାସ୍ତା ସମତଳ ନଥିବା କାରଣରୁ ଉକ୍ତ ରାସ୍ତାରେ ଷ୍ଟ୍ରେଚର୍ ଓ ହ୍ୱିଲଚେୟାର ଗଡ଼ିବା କଷ୍ଟକର ହୋଇପଡିଛି । ରାସ୍ତା ଖୋଳିବା ସମ୍ପର୍କରେ ପୂର୍ତ୍ତ ବିଭାଗକୁ ଅବଗତ କରାଯାଇନଥିବା ବିଭାଗର ଜଣେ ଅଧିକାରୀ କହିଛନ୍ତି । ଯେଉଁ ସ୍ଥାନରେ ରାସ୍ତା ଖୋଳାଯାଇଛି, ସେହି ସ୍ଥାନରେ ମରାମତି ସମୟରେ ପିଚୁ ବ୍ୟବହାର କରିବା ବଦଳରେ ସିମେଣ୍ଟ ବ୍ୟବହାର କରି ରାସ୍ତା ମରାମତି କରାଯାଉଛି । ଫଳରେ ଉକ୍ତ ରାସ୍ତାରେ ଷ୍ଟ୍ରେଚର୍ ଓ ହ୍ୱିଲଚେୟାର ଯାତାୟାତ କରିବାରେ ସମସ୍ୟା ହେଉଛି । ଅନ୍ୟପକ୍ଷରେ ପ୍ରତ୍ୟେକ ଦିନ ଶତାଧିକ ରୋଗୀ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ବିଭିନ୍ନ ସମୟରେ କିଛି ରୋଗୀ ପଡ଼ି ଆହତ ହୋଇଥିବା ଅଭିଯୋଗ ହୋଇଛି । ଏନେଇ ରୋଗୀମାନେ ବାରମ୍ବାର ଅଭିଯୋଗ କରିଛନ୍ତି । କିନ୍ତୁ ସମସ୍ୟା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷ ଅବଗତ ଥିବା ବେଳେ ଏହାର ସମାଧାନ ନିମନ୍ତେ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି । ତେଣୁ ଏମକେସିଜି ମେଡିକାଲ ପରିସରରେ ଖାଲଖମା ହୋଇ ରହିଥିବା ରୋଡ୍‌କୁ ତୁରନ୍ତ ମରାମତି କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।





- କଷ୍ଟକର ହୋଇଛି ଷ୍ଟ୍ରେଚର୍ ଓ ହ୍ୱିଲ୍‌ଚେୟାରରେ ରୋଗୀଙ୍କ ଯାତାୟାତ
- ସମସ୍ୟା ଭୋଗୁଛନ୍ତି ରୋଗୀ ଓ ସମ୍ପର୍କୀୟ
- ନିରବଦ୍ରଷ୍ଟା ସାଜିଛନ୍ତି କର୍ତ୍ତୃପକ୍ଷ

## ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଆଲୋଚନାଚକ୍ର




**ବ୍ରହ୍ମପୁର,୧୯ ।୧(ସମିସ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ଗବେଷଣା ଚକ୍ର ଆନୁକୂଲ୍ୟରେ ଦ୍ୱିତୀୟ ଅଧିବେଶନରେ "ଜଳବାୟୁ ପରିବର୍ତ୍ତନ' ସମ୍ପର୍କରେ ଆଲୋଚନା କରାଯାଇଛି । ପ୍ରାଧ୍ୟାପିକା ଅନ୍ନପୂର୍ଣ୍ଣା ପାଣ୍ଡେଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଆଲୋଚନାଚକ୍ରରେ ପ୍ରାଧ୍ୟାପକ ଅରୁଣ କୁମାର ପଟ୍ଟନାୟକ ମାନବ କେନ୍ଦ୍ରିକ-ବିକାଶ ପ୍ରକୃତି ପାଇଁ ବିପଦ ଆଣିଥାଏ ବୋଲି ନିଜର ମତ ପ୍ରକାଶ କରିଥିଲେ । ମାନସ ଜେନା ଭାଗଚାଷୀ ଓ ମତ୍ସ୍ୟଜୀବୀ ମାନଙ୍କର ଦୟନୀୟ ଅବସ୍ଥା ଓ ତାହାର କାରଣକୁ ତଥ୍ୟ ମାଧ୍ୟମରେ ଆଲୋଚନା କରିଥିଲେ । ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରାଧ୍ୟାପକ ବିଜୟଲକ୍ଷ୍ମୀ ଦାସ ଓଡ଼ିଆ କବିତା ଓ ଆଧୁନିକ ଓଡ଼ିଆ କବିତା ଓ ପ୍ରବନ୍ଧ ମାଧ୍ୟମରେ ଜଳବାୟୁ ପରିବର୍ତ୍ତନର ବାର୍ତ୍ତା କେତେ ପ୍ରତିଫଳିତ ହୋଇଛି ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସାମାଜିକ କର୍ମୀ ସନ୍ଦୀପ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇଥିବା ତୃତୀୟ ଅଧିବେଶନର ପ୍ରସଙ୍ଗ ଥିଲା "ଜଳବାୟୁ ପରିବର୍ତ୍ତନ, ଉପେକ୍ଷିତ ଏବଂ ତୃଣମୂଳ ସ୍ତରରୁ ସ୍ୱର' ଉପରେ ସାମାଜିକ କର୍ମୀ ନିରାକାର ବେହେରା ଜଳବାୟୁ ପରିବର୍ତ୍ତନକୁ ମୁକାବିଲା ପଞ୍ଚାୟତ ଏବଂ ଜନଆନ୍ଦୋଳନର ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ସଚିକାନ୍ତ ପ୍ରଧାନ ମାନବ ସଭ୍ୟତାର ଭିତ୍ତିଭୂମି ସ୍ଥାପନ କରିଥିବା ନଦୀ ମାନଙ୍କର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟତମ ବକ୍ତା ପ୍ରଦ୍ୟୁମ୍ନ ଦାସ ଧାମରା ବନ୍ଦରର ସାମାଜିକ ଓ ଅର୍ଥନୈତିକ ପ୍ରଭାବ ବିଷୟରେ ଆଲୋଚନା କରିଥିଲେ । ପରିଶେଷରେ, ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଖୋଲା ମଞ୍ଚରେ ପ୍ରାଧ୍ୟାପକ ବିଜୟ ବହିଦାର, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, ପ୍ରାଧ୍ୟାପିକା ଉଷାରାଣୀ ଆଚାର୍ଯ୍ୟ, ସୁଦର୍ଶନ ଜେନା, ଭାଲଚନ୍ଦ୍ର ଷଡଙ୍ଗୀ, କାଳୀପଦ ପଣ୍ଡା ମଧ୍ୟ ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଆୟାମ ସମ୍ପର୍କରେ ନିଜର ମତାମତ ରଖିବା ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା ।

## ଡାକ୍ତରଙ୍କ ଅସ୍ୱାଭାବିକ ମୃତ୍ୟୁ

- ଏମ୍‌କେସିଜିରୁ ଶବ ଜବତ କଲା ପୁଲିସ

**ବ୍ରହ୍ମପୁର,୧୯ ।୧(ସମିସ):** ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ବଡଖରିଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦେବାଶିଷ ପୋଥାଲ(୩୫)ଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଯାଇଛି । ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହେବା ପରେ ଏମକେସିଜ ଫାଣ୍ଡି ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏନେଇ ବୈଦ୍ୟନାଥପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

ସୂଚନାପ୍ରକାରେ, ଡା. ଦେବାଶିଷ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜକୁ ଦେଢ ବର୍ଷ ହେବ କାର୍ଯ୍ୟରତ ଥିଲେ । ରବିବାର ସକାଳୁ ତାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ସେ ପ୍ରଥମେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ସମୟରେ ଡା. ଦେବାଶିଷଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ । ତେବେ କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଲା ତାହା ବର୍ତ୍ତମାନ ଯାଏଁ ସ୍ପଷ୍ଟ ହୋଇପାରିନାହିଁ । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୁଲିସ କହିଛି ।

## ରେଳଷ୍ଟେସନରୁ ଗଞ୍ଜେଇ ଜବତ; ଯୁବକ ଗିରଫ

ବ୍ରହ୍ମପୁର,୧୯ ।୧(ସମିସ): ବ୍ରହ୍ମପୁର ସରକାରୀ ରେଳବାଇ ଥାନା ପୁଲିସ (ଜିଆରପି) ବ୍ରହ୍ମପୁର ରେଳଷ୍ଟେସନର ୪ ନଂ ପ୍ଲାଟଫର୍ମରୁ ୨୩ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଏହି ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ବ୍ରହ୍ମପୁର ଫାଷ୍ଟଗେଟ ଶାନ୍ତିନଗରର ଯୁବକ ସୋନୁ ମହାନ୍ତିଙ୍କୁ ପୁଲିସ ଗିରଫ କରିଛି । ଏନେଇ ଜିଆରପି ଥାନାରେ ଏକ ମାମଲା ରୁଜୁ ହୋଇଛି ।

ସୂଚନାପ୍ରକାରେ, ୪ନଂ ପ୍ଲାଟଫର୍ମରେ ଅଭିଯୁକ୍ତ ସୋନୁ ଏକ ବ୍ୟାଗ ଧରି ଟ୍ରେନକୁ ଅପେକ୍ଷା କରିଥିଲେ । ତେବେ ସୋନୁଙ୍କ ହାବଭାବ ଉପରେ ପୁଲିସ ସନ୍ଦେହ କରିବାକୁ ତାଙ୍କ ନିକଟକୁ ଯାଇ ବ୍ୟାଗ ଯାଞ୍ଚ କରାଯାଇଥିଲା । ଯାଞ୍ଚ ପରେ ତାଙ୍କ ବ୍ୟାଗରୁ ଉପରୋକ୍ତ ପରିମାଣର ଗଞ୍ଜେଇ ଜବତ ହୋଇଥିଲା । ସେହିପରି ଅଭିଯୁକ୍ତ ସୋନୁ ନିକଟରୁ ପୁଲିସ ଏକ ଟ୍ରେନ ଟିକଟ ଜବତ କରିଥିଲା । ପୁରୀ-ଓଖା ଏକ୍ସପ୍ରେସରେ ସେ ସୁରଟ ଯିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିବା ତଦନ୍ତ ବେଳେ ପୁଲିସକୁ ଜଣାଇଥିଲା । ସୋନୁ ଏହି ଗଞ୍ଜେଇ ଟ୍ରେନ ଯୋଗେ ବ୍ରହ୍ମପୁରରୁ ସୁରଟ ଚାଲାଣ କରୁଥିବା ପୁଲିସ ଜାଣିବାକୁ ପାଇଥିଲା ।

## ସ୍ୱାସ୍ଥ୍ୟ ସଦନ ପକ୍ଷରୁ ମଧୁମେହ ପଞ୍ଚାୟତ



**ବ୍ରହ୍ମପୁର,୧୯ ।୧(ସମିସ):** ବ୍ରହ୍ମପୁରସ୍ଥିତ ସ୍ୱାସ୍ଥ୍ୟ ସଦନ ଆନୁକୂଲ୍ୟରେ ହିଲପାଟଣା ସଂସ୍କୃତି ଭବନରେ ସାଧାରଣ ଲୋକଙ୍କ ପାଇଁ ମଧୁମେହ ପଞ୍ଚାୟତର ତୃତୀୟ ସଂସ୍କରଣରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟ ଉପସ୍ଥାପକ ଭାବେ ମଧୁମେହ ସୁପରସ୍ପେଶାଲିଷ୍ଟ ଡା. ସୁନିଲ କୁମାର କୋଟା ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଭାବେ ଗଞ୍ଜାମର ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ ପଣ୍ଡା ଯୋଗ ଦେଇଥିଲେ ବେଳେ ସମ୍ମାନିତ ଅତିଥି ଭାବେ ଏମକେସିଜି ମେଡିକାଲ କଲେଜର ପ୍ରଶାସକ ସଂଗ୍ରାମ ପଣ୍ଡା, ରୋଲାଣ୍ଡ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟର ଅଧ୍ୟକ୍ଷା ଜାମୁଲା ଜୟଲକ୍ଷ୍ମୀ, ବରିଷ୍ଠ ଚିକିତ୍ସକ ଡା. ପ୍ରକାଶ ଚନ୍ଦ୍ର ପାତ୍ର ଏବଂ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲର ସାଧାରଣ ଭେଷଜ ବିଭାଗର ମୁଖ୍ୟ ପ୍ରଫେସର ଉମା ଶଙ୍କର ମିଶ୍ର ଯୋଗ ଦେଇଥିଲେ । ଉଦ୍‌ଘାଟନୀ ଉତ୍ସବ ପରେ ୧୨ଜଣିଆ ଡାକ୍ତରଙ୍କ ଏକ ବିଶେଷଜ୍ଞ ପ୍ୟାନେଲ ମଞ୍ଚାସୀନ ରହି ସାଧାରଣ ଲୋକଙ୍କ ସହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ୟାନେଲରେ ଏଣ୍ଡୋକ୍ରିନୋଲୋଜିଷ୍ଟ ଡା. ସୁନୀଲ କୋଟା, ଭେଷଜ ବିଶେଷଜ୍ଞନ ଡା. ପ୍ରକାଶ ଚନ୍ଦ୍ର ପାତ୍ର, ଡା. ଉମା ଶଙ୍କର ମିଶ୍ର, ଡା. ନିହାର ରଞ୍ଜନ ସାହୁ, ଡା. ଜିତେନ୍ଦ୍ର ପାଣିଗ୍ରାହୀ, ନ୍ୟୁରୋଲୋଜିଷ୍ଟ ଡା. ଆନନ୍ଦ ଶାସ୍ତ୍ରୀ, ହୃଦ୍‌ରୋଗ ବିଶେଷଜ୍ଞ ଡା. ବଦ୍ରି ଦଣ୍ଡପାଣି, ଚକ୍ଷୁ ବିଶେଷଜ୍ଞ ଡା. ପ୍ରବୀଣ ସୁବୁଦ୍ଧି, ମନସ୍ତାତ୍ତ୍ୱିକ ଡା. ଟିକିନା ବେହେରା, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଗୋପାଳ ଚନ୍ଦ୍ର ପାତ୍ର, ଦନ୍ତ ଚିକିତ୍ସକ ଡା. ବିଭୁକେଶ ପାଣିଗ୍ରାହୀଙ୍କ ସମେତ ହୃଦ୍‌ରୋଗ ସର୍ଜନ ଡା. ସତ୍ୟଜିତ ସାହୁ ଓ ରୋବୋଟିକ୍ ସର୍ଜରୀ ରୋଗ ବିଶେଷଜ୍ଞ ଡା. ଜୟ ପ୍ରକାଶ ପାଣି ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ଯୋଗଦେଇ ବିଶେଷଜ୍ଞ ଡାକ୍ତରଙ୍କ ପ୍ୟାନେଲ ସହିତ ମଧୁମେହର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୋଲାଣ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଡ. ଗୁଣମଣି ଜେନା, ଡ. ସନତ ପାତ୍ର, ଦିଲ୍ଲୀ ପବ୍ଲିକ୍ ସିନିୟର ସେକେଣ୍ଡାରୀ ସ୍କୁଲର ପ୍ରିନ୍ସିପାଲ ବିଏନ୍ ପଟ୍ଟନାୟକ, କ୍ରାନ୍ତିର ଦେବାନନ୍ଦ ଦାଶ, ରୋଲାଣ୍ଡ ଇନଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସେସ ଡ. ବିଭିଭି ରବି କୁମାର ଏବଂ ଡ. ନିରଞ୍ଜନ ପାତ୍ର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଡ. ସାଗର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଟେକ୍ ଛାତ୍ରଙ୍କ ମୁଣ୍ଡ ଫଟାଇବା ଘଟଣାରେ ୩ ଗିରଫ

**ବ୍ରହ୍ମପୁର,୧୯ ।୧(ସମିସ):** ପଥରରେ ଆକ୍ରମଣ କରି ଜଣେ ବିଟେକ ଛାତ୍ରଙ୍କ ମୁଣ୍ଡ ଫଟାଇବା ଓ ତାକୁ ରକ୍ତାକ୍ତ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ୩ଜଣ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ, ଗେଟବଜାର ଗୋଲାପଲ୍ଲୀ ସାହିର ଏସ ରାଜ ଓରଫ ରାଜା ଦୋରା(୨୦), ଭାପୁର ବଜାରର ଅମର ସେଠୀ(୧୯) ଓ ଶ୍ରୀରାମନଗର ତୃତୀୟ ଲାଇନର ରାହୁଲ ମହାପାତ୍ର(୨୦) ।

ସୂଚନାଯୋଗ୍ୟ ଯେ, ଗାଙ୍ଗପୁର ଥାନା ଅନ୍ତର୍ଗତ ସୋମନାଥପଲ୍ଲୀ ନିବାସୀ ରତ୍ନାକର ସେଠୀଙ୍କ ପୁଅ ରାଜା କୁମାର ସେଠୀ ବ୍ରହ୍ମପୁର ସହରର ବାପୁଜି ନଗର ତୃତୀୟ ଲାଇନରେ ରହି ଗାୟତ୍ରୀ କଲେଜରେ ବିଟେକ ପଢନ୍ତି । ଗତ ୧୭ ତାରିଖରେ ଅପରାହ୍ନ ସାଢେ ୫ଟା ସମୟରେ ରାଜା ଗୋଲାପଲ୍ଲୀ ସାହିରେ ଥିବା ଏକ ଏକାଡେମୀ ନିକଟରେ ଚାହା ପିଉଥିବା ବେଳେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ପରେ ପଥର ସାହଯ୍ୟରେ ରାଜାଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିଲେ । ଫଳରେ ରାଜା ତଳେ ରକ୍ତାକ୍ତ ହୋଇ ପଡ଼ିଯିବା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ରାଜା ମେଡିକାଲରେ ଚିକିତ୍ସିତ ହୋଇ ଆସିବା ପରେ ଘଟଣାକୁ ନେଇ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଥାନାର ଏସ୍‌ଆଇ ପ୍ରିୟଙ୍କା ସାହୁ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ । ରବିବାର ପୁଲିସ ଉପରୋକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି ।

## ଅଲ୍ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦର ଶପଥଗ୍ରହଣ ସମାରୋହ




**ବ୍ରହ୍ମପୁର,୧୯ ।୧(ସମିସ):** ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ଅଲ୍ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦ ପକ୍ଷରୁ ଜିଲ୍ଲାସ୍ତରୀୟ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପରିଷଦ ରାଜ୍ୟ ଅଧ୍ୟକ୍ଷ ଚିନ୍ତାମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଆଇନ ପରାମର୍ଶଦାତା ଆଇନଜୀବୀ ପୀତବାସ ପଣ୍ଡା, ଉପଦେଷ୍ଟା ବନମାଳୀ ସେଠୀ, ରାଜ୍ୟ ସଭାପତି ଗୋପୀନାଥ ନାୟକ, ରାଜ୍ୟ ଉପସଭାପତି ନିରଞ୍ଜନ ନାୟକ ଯୋଗଦେଇଥିଲେ । ସଂଘର ସୂଚନା ଅଧିକାରୀ ତ୍ରିନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ନାୟକ, କୋଷାଧ୍ୟକ୍ଷ ଅମର ନାୟକ, ରାଜ୍ୟ କାର୍ଯ୍ୟକାରୀ ସମ୍ପାଦକ ଦୀପକ ନାୟକ, ଚନ୍ଦନ ନାୟକ, ଜିଲ୍ଲା ସଭାପତି ମନୋରଞ୍ଜନ ନିମାଇଁ, ଉପସଭାପତି ସରୋଜ କୁମାର ଦାସ, ସାଧାରଣ ସମ୍ପାଦକ ରୋହିତ ନାୟକ, କାର୍ଯ୍ୟକାରୀ ସଭାପତି ଅନିଲ ନାୟକ ଏବଂ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ସଡ଼କ ସୁରକ୍ଷା ସଚେତନତା




**ବ୍ରହ୍ମପୁର,୧୯ ।୧(ସମିସ):** ସ୍ଥାନୀୟ କେସି ହାଇସ୍କୁଲରେ ନେହରୁ ଯୁବକେନ୍ଦ୍ର ଓ ମହାତ୍ମା ଗାନ୍ଧୀ ୟୁଥ କ୍ଲବ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସ୍ୱେଚ୍ଛାସେବୀ ବିନୋଦ ସାବତଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଟ୍ରାଫିକ ଡିଏସ୍‌ପି ସନାତନ ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ହାଇସ୍କୁଲ ଶିକ୍ଷକ ଅମରେନ୍ଦ୍ର ରଥ ଓ ଶିକ୍ଷୟିତ୍ରୀ ଜଲି ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ନିୟମ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ଗୋଶାଣୀନୂଆଗାଁଠାରୁ ବିଜିପୁର ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ମହାତ୍ମାଗାନ୍ଧୀ ୟୁଥ କ୍ଲବର ବହୁ ସଦସ୍ୟ ଏଥିରେ ଉପସ୍ଥିତ ରହି ଜନସାଧାରଣଙ୍କୁ ସଚେତନ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

ବ୍ରହ୍ମପୁରରେ ବଢୁଛି ସାଇବର୍ ଠକେଇ

# ୫ ଜଣଙ୍କଠାରୁ ଠକିଲେଣି ୧.୪୦ କୋଟି

ବ୍ରହ୍ମପୁର,୧୯ ।୧(ସମିସ)

ସାଇବର୍ ଠକଙ୍କ କବ୍‌ଜାରେ ବ୍ରହ୍ମପୁର ଜିଲ୍ଲା ପୁଲିସ । ନୂଆ ଓ ପୁରୁଣା ଢାଞ୍ଚାରେ ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଗାଏବ ହୋଇଯାଉଥିବା ନଜର ରହିଛି । ପ୍ରତ୍ୟେକ ଦିନ ମୋବାଇଲକୁ ଅନ୍‌ଲାଇନରେ ପାର୍ଟଟାଇମ୍ ଜବ୍, କିଛି ସୁନ୍ଦରୀଙ୍କ ସହ କଥା ହେବା ପାଇଁ ମେସେଜ୍ ଏବଂ ଅନ୍‌ଲାଇନ୍ ଗେମ୍ ଖେଳିବାକୁ ମେସେଜ୍ ଆସୁଛି । ଏହି ମେସେଜକୁ ବିଶ୍ୱାସ କରି ନେଇ ଲୋକେ ସାଇବର ଠକେଇର ଶିକାର ହେଉଛନ୍ତି । ସେହିପରି ଅନ୍‌ଲାଇନ୍ ଟ୍ରେନିଂ ମାୟାରେ ପଡ଼ିଛନ୍ତି ଯୁବପିଢ଼ି । ରାତାରାତି ଟଙ୍କା ଅର୍ଜନ କରିବା ଲୋଭରେ ପଡ଼ି ଲକ୍ଷାଧିକ ଟଙ୍କା ଠକେଇର ଶିକାର ହେଉଛନ୍ତି । ଚଳିତବର୍ଷ ପହିଲାରୁ ଏଯାବତ ବ୍ରହ୍ମପୁର ସାଇବର ଥାନାରେ ମୋଟ ୫ଟି ସାଇବର ଠକେଇ ମାମଲା ରୁଜୁ ହୋଇଛି । ସାଇବର ଥାନାରେ ରୁଜୁ ହୋଇଥିବା ୫ଟି ମାମଲା ମଧ୍ୟରୁ ୪ ଜଣ ଠକେଇର ଶିକାର ହୋଇଛନ୍ତି । ଗୋପାଳପୁର ଥାନାରେ ଗୋଟିଏ ସାଇବର ଠକେଇ ଅଭିଯୋଗ ହୋଇଛି । ଠକେଇର ଶିକାର ହୋଇଥିବା ବ୍ୟକ୍ତିମାନେ ହେଲେ, ବ୍ରହ୍ମାନଗରର ଡି ପ୍ରସାଦ ରାଓ, ଆମ୍ବପୁଆର ସ୍ୱରୂପ କୁମାର ଦାଶ, ଗୋଷାଣୀନୂଆଗାଁଥାନା ଅଞ୍ଚଳର ରିତେଶ ଚୌଧୁରୀ, ଗୋପାଳପୁରର ମୁରଲୀଧର ଗୌଡ଼ ଓ ଲାଞ୍ଜିପଲ୍ଲୀର ମଧୁସ୍ମିତା ଦାସ । ଉପରୋକ୍ତ ବ୍ୟକ୍ତିବିଶେଷମାନଙ୍କଠାରୁ ସାଇବର ଠକ ଗ୍ୟାଙ୍ଗ ୧ କୋଟି ୪୦ ଲକ୍ଷ ଟଙ୍କା ଠକିନେଲାଣି ।

ବୈଦ୍ୟନାଥପୁର ଥାନା ବ୍ରହ୍ମା ନଗର ଦ୍ୱିତୀୟ ଲାଇନରେ ରହୁଥିବା ଡି.ପ୍ରସାଦ ରାଓ ପ୍ରଫିଟ ୱାର୍ଲ୍ଡ ବିଜିନେସ ଇଜି ବେ ମାର୍କେଟିଂ ସର୍ଭିସେସ ସଂସ୍ଥା ନାମକ ଏକ ଅନ୍‌ଲାଇନ ଟ୍ରେଡିଂ ଆପରେ ଯୋଡ଼ି ହୋଇ ୪୨ ଲକ୍ଷ ଟଙ୍କାର ଠକେଇର ଶିକାର ହୋଇଛନ୍ତି । ପାର୍ଟ ଟାଇମ ଚାକିରି ନାଁରେ ଲାଞ୍ଜିପଲ୍ଲୀ ଅଞ୍ଚଳର ଜଣେ ଯୁବତୀଙ୍କଠାରୁ ୨.୪୦ ଲକ୍ଷ ଠକି ନେଇଛି ସାଇବର ଠକ । ଅନୁରୂପ ଭାବେ ଅନଲାଇନ ଟ୍ରେଡିଂ ତଥା ଷ୍ଟକ ମାର୍କେଟରେ ଇନଭେଷ୍ଟ କରି ମୋଟା ଅଙ୍କର କମିଶନ ପାଇବା ଆଳରେ ଆମ୍ବପୁଆ ଅଞ୍ଚଳରେ ରହୁଥିବା ସ୍ୱରୂପ ଦାସ ୭୪ ଲକ୍ଷ ୮୦ ହଜାର ଟଙ୍କା ସାଇବର ଠକେଇର ଶିକାର ହୋଇଛି । ଅନଲାଇନରେ ଇନଭେଷ୍ଟମେଣ୍ଟ ନାଁରେ ବ୍ରହ୍ମପୁର ଗୋଷାଣୀନୂଆଗାଁ'ର ରିତେଶ ଚୌଧୁରୀଙ୍କଠାରୁ ୧୭ ଲକ୍ଷ ଟଙ୍କା ଠକେଇ ହୋଇଛି । ସେହିଭଳି ସାଇବର ଠକ ଗୋପାଳପୁର ଅଞ୍ଚଳର ମୁରଲୀଧରଙ୍କୁ ଷ୍ଟେଟବ୍ୟାଙ୍କର ଆକାଉଣ୍ଟ ଅପଡେଟ କରିବାକୁ କହି ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫୦ ହଜାର ଟଙ୍କା ଗାଏବ କରିଛନ୍ତି । ସାଇବର୍ ଠକ ଜାନୁଆରୀ ପହିଲାରୁ ଏଯାବତ ୧ କୋଟି ୪୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ରହିଛି । ଏଭଳି ଗୋଟିଏ ପରେ ଗୋଟିଏ ଠକେଇ ହେବାରେ ଲାଗିଛି । ପୁଲିସ ସାଇବର ଠକଙ୍କୁ ଗିରଫ କରିବାରେ ବିଫଳ ରହିଛି ।

### ସାଇବର୍ ଠକଙ୍କୁ ଗିରଫ କରିବାରେ ପୁଲିସ ବିଫଳ

ସକାଳ
THE SAKALA



www.sakalaepaper.com

## ଚାକିରି ନାଁରେ ଠକେଇ

# ପୁଲିସ ଅଧିକାରୀଙ୍କ ପୁଅ ଗିରଫ

ଦିଗପହଣ୍ଡି, ୧୯ ।୧(ସମିସ)

ରାଜ୍ୟ ସରକାରଙ୍କ ତହସିଲ କିମ୍ବା ବ୍ଲକ କାର୍ଯ୍ୟାଳୟରେ ଚାକିରି ପାଇବା ଆଶାରେ ବ୍ରହ୍ମପୁର ଗୋଷାଣୀ ନୂଆଗାଁ ଥାନା କୌତୁକୀ ନଗର ୨ୟ ଲେନ୍ ବାସିନ୍ଦା ଚନ୍ଦନା ଚୌଧୁରୀ ଠକାମିର ଶିକାର ହୋଇଥିବା ଜଣାପଡ଼ିଛି । ଏନେଇ ଦିଗପହଣ୍ଡି ପୁଲିସ ପଦ୍ମନାଭପୁର ପଞ୍ଚାୟତ ଭୀମପୁର ଶାସନ ଗ୍ରାମର ଅବସରପ୍ରାପ୍ତ ପୁଲିସ ଅଧିକାରୀ ଅମୂଲ୍ୟ ମିଶ୍ରଙ୍କ ପୁଅ ଦୀପ୍ତିରଞ୍ଜନ ମିଶ୍ରଙ୍କୁ ଗିରଫ କରିଥିଲା । ଅଭିଯୁକ୍ତ ଜଣକ ବ୍ରହ୍ମପୁରରେ ରହୁଥିବା ବେଳେ ମହିଳାଙ୍କୁ ତହସିଲ କିମ୍ବା ବ୍ଲକ ଅଫିସରେ ଚାକିରି କରାଇ ଦେବି ବୋଲି ଭରସା ଦେଇଥିଲା ।



ଚାକିରି ଆଶାରେ ମହିଳା ଜଣକ ଯୁବକ ଦ୍ୱାରା ପ୍ରଲୋଭିତ ହୋଇ ୨ ଲକ୍ଷ ୯୦ ହଜାର ଟଙ୍କା ଦେଇଥିଲେ । ଏପରିକି ସେ ନଗଦ ୧୯ ହଜାର ଟଙ୍କା ଦେଇଥିବା ବେଳେ ଫୋନ୍ ପେ' ମାଧ୍ୟମରେ ୨ ଲକ୍ଷ ୭୧ ହଜାର ଟଙ୍କା ଦେଇଥିଲେ । ପରବର୍ତ୍ତୀ ସମୟରେ ଦୀପ୍ତି ରଞ୍ଜନ ଦିନ ଗଡ଼ାଇବା ସହ ମହିଳାଙ୍କୁ ଧରା ଦେଇନଥିଲେ । ମହିଳାଙ୍କ ସନ୍ଦେହ ହେବାରୁ ସେ ଦିଗପହଣ୍ଡି ଥାନାରେ ତାଙ୍କ ନାଁରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଶନିବାର ତଦନ୍ତକାରୀ ଅଧିକାରୀ ଏସ. ଆଇ ଦୁଷ୍ମନ୍ତ କୁମାର ପ୍ରଧାନ ଅଭିଯୁକ୍ତ ଦିପ୍ତୀରଞ୍ଜନଙ୍କୁ ଗିରଫ କରିବା ପରେ ରବିବାର ଅପରାହ୍ଣରେ ତାଙ୍କୁ କୋର୍ଟଚାଲାଣ କରିଥିଲେ । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି ।

# ବିଜେଡିର ସାଂଗଠନିକ ବୈଠକ



ବେଲଗୁଣ୍ଠା, ୧୯ ।୧(ସମିସ): ବେଲଗୁଣ୍ଠା ବିଜେଡିର ଏକ ସାଙ୍ଗଠନିକ ବୈଠକ ମା' ବାସଙ୍ଗ ପୀଠରେ ଆୟୋଜିତ ହୋଇଯାଇଛି । ବଡବୋର୍ ସିଂ ସରପଞ୍ଚ ତଥା ବ୍ଲକ ବିଜେଡି ସଭାପତି ଏସ.ରାମେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ଜନପ୍ରତିନିଧି ଓ କର୍ମୀ ଯୋଗ ଦେଇଥିଲେ । ବ୍ଲକର ୧୮ ଟି ପଞ୍ଚାୟତର ଛାମୁଆ ନେତାଙ୍କ ଉପସ୍ଥିତିରେ ହୋଇଥିବା ବୈଠକରେ ଆଗାମୀ ଦିନରେ ତୃଣମୂଳସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା, ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ ଅଗ୍ରାଧିକାର ଦେବା, ଆଗାମୀ ଦିନରେ ଏକ ହୋଇ ଲଢ଼ିବାକୁ ଆହ୍ୱାନ ଦିଆଯାଇଥିଲା । ସମସ୍ତେ ସଙ୍ଗଠିତ ହେବା ପାଇଁ ଉପସ୍ଥିତ ନେତୃବୃନ୍ଦ ପ୍ରକାଶ କରିଥିଲେ । ଆଜିର ଏହି ସମାବେଶରେ ସଭାପତି ଶ୍ରୀ ପାତ୍ରଙ୍କ ସମେତ ଜିଲ୍ଲା ପରିଷଦସଭ୍ୟ ବିଦ୍ୟାଧର ବିଷୋୟୀ, ପୂର୍ବତନ ସରପଞ୍ଚ ଚନ୍ଦ୍ରଶେଖର ନାୟକ, ପାଣି ପଞ୍ଚାୟତ ସଭାପତି ଉମା ନାୟକ, ସରପଞ୍ଚ ଦୁର୍ଗାମାଧବ ନାୟକ, ସରପଞ୍ଚ ଜୟରାମ ନାୟକ, ସରପଞ୍ଚ ପ୍ରତିନିଧି ଦେବେନ୍ଦ୍ର ଗୌଡ଼, ସୀମାଞ୍ଚଳ ବିଷୋୟୀ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ଗୌଡ଼, ଦିଲ୍ଲୀପ ଜେନା, ସନ୍ତୋଷ ସ୍ୱାଇଁ, ସମିତି ସଭ୍ୟ ବିଭୁପାଦ ଜେନା, କୁଞ୍ଜବିହାରୀ ନାୟକ, ସୁଧାଂଶୁ ଶେଖର ପୋଲାଇ, ରାଜୀବ ନାୟକ, ଭାଗ୍ୟଲତା ସେଠୀ, ରୁନୁବାଳା ନାୟକ, ବରିଷ୍ଠ ସଙ୍ଗଠକ ଶରତ ସ୍ୱାଇଁଙ୍କ ସମେତ ଶତାଧିକ ବିଜେଡି କର୍ମୀ ଓ ନେତା ଉପସ୍ଥିତ ଥିଲେ ।

# ସ୍ତ୍ରୀକୁ ମାଡ଼ମାରି ଘରୁ ତଡ଼ିଦେଲେ ସ୍ୱାମୀ

ଦିଗପହଣ୍ଡି, ୧୯ ।୧(ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମର ଏମ.ଲିଲି ପାତ୍ରଙ୍କୁ ତାଙ୍କ ସ୍ୱାମୀ ଏମ.ଅଶୋକ ପାତ୍ର ମାଡ଼ ମାରି ଘରୁ ତଡ଼ି ଦେଇଥିବା ଅଭିଯୋଗ ହୋଇଛି । ଏନେଇ ନିର୍ଯାତିତା ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି । ଏତଲାକୁ ଭିତ୍ତିକରି ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଥାନା ମାମଲା ଅନୁଯାୟୀ ଅଭିଯୁକ୍ତ ଅଶୋକଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି । ଗତ ପ୍ରାୟ ୭ ବର୍ଷ ପୂର୍ବେ ପାଟପୁର ଥାନା ଭାଲିଆଝୋଲା ଗ୍ରାମର ଲିଲି ଭୀଷ୍ମଗିରି ଗ୍ରାମର ଏମ. ମାଲେଶୁଙ୍କ ପୁଅ ଅଶୋକଙ୍କୁ ବିବାହ କରିଥିଲେ । ତାଙ୍କର ୨ଟି ସନ୍ତାନ ଅଛନ୍ତି । ବିବାହର କିଛିଦିନ ହସ ଖୁସିରେ କାଟିବା ପରେ ସ୍ୱାମୀ ସଦାସର୍ବଦା ନିଶାସକ୍ତ ଅବସ୍ଥାରେ ତାଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେବା ଆରମ୍ଭ କରିଥିଲେ । ପରେ ଶାଶୁ ଶ୍ୱଶୁରଙ୍କ ଠାରୁ ଅଲଗା ହୋଇ ଗାଁର ଅନ୍ୟ ଏକ ସାହିରେ ଉଭୟେ ଏକ ଭଡ଼ା ଘରେ ରହୁଥିଲେ । ସେଠାରେ ମଧ ନିର୍ଯାତନା କମ୍ ହେଲା ନାହିଁ । ରାତି ଅଧରେ ମାଡ଼ ମାରି ଘରୁ ତଡ଼ି ଦେଉଥିଲେ । ନିର୍ଯାତନା ଅସହ୍ୟ ହେବାରୁ ସେ ଛୁଆ ପିଲାଙ୍କୁ ନେଇ ବାପଘର ଭାଲିଆଝୋଲା ଗ୍ରାମକୁ ଚାଲିଯାଇଥିଲେ । କିଛିଦିନ ପରେ ସେଠାରୁ ଫେରି ସ୍ୱାମୀଙ୍କ ସହ ରହିଥିଲେ । ସ୍ୱାମୀ ପୁଣି ଲିଲିଙ୍କୁ ନିସ୍ତୁକ ମାଡ ମାରି ଘରୁ ତଡ଼ି ଦେବାରୁ ବାଧହୋଇ ସେ ଏତଲା ଦେଇଥିବା ପୁଲିସକୁ କହିଛନ୍ତି । ତଦନ୍ତକାରୀ ଅଧିକାରୀ ଏସ.ଆଇ ସୋଫିଆ ମିଶ୍ର ଘଟଣାର ତଦନ୍ତ ଚଳାଇଛନ୍ତି । ଗିରଫ ଭୟରେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି ।

# ନଷ୍ଟ କରାଗଲା ୯୦ ଏକର ଗଞ୍ଜେଇ ଗଛ



ଟିକାବାଲି, ୧୯।୧(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଗାର୍ଡିଙ୍ଗିଆ ପଞ୍ଚାୟତର ଗିରୁଟି ଓ କଟଡି ଅଞ୍ଚଳର ପ୍ରାୟ ୯୦ ଏକର ଜଙ୍ଗଲ ଜମିରେ ଲାଗିଥିବା ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି । ଟିକାବାଲି ପୁଲିସ ସେକେଣ୍ଡ ଅଫିସର ରବୀନ୍ଦ୍ର କୁମାର ହେମ୍ବ୍ରମଙ୍କ ନେତୃତ୍ୱରେ ଗଞ୍ଜେଇ ଗଛ କଟାଯିବା ସହ ଏହାକୁ ନିଆଁରେ ପୋଡି ନଷ୍ଟ କରାଯାଇଥିବା ସୂଚନା ମିଳିଛି । ପୁଲିସ ଫୋର୍ସ ସଦଳବଳେ ଯାଇ ଗଞ୍ଜେଇ ଗଛ ନଷ୍ଟ କରିଥିଲେ । ଆଗାମୀ ଦିନରେ ଟିକାବାଲି ଥାନା ଅଞ୍ଚଳରେ ଯେତେ ସବୁ ଗଞ୍ଜେଇ ଗଛ ଲାଗିଛି ତାହା ନଷ୍ଟ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

# ପାଠାଗାର ପରିଚାଳନା କମିଟି ଗଠିତ



ଆସିକା, ୧୯ ।୧(ସମିସ): ଆସିକା ସହରର ନିରଞ୍ଜନ ନଗରରେ ଥିବା ବହୁ ପୁରାତନ କୃଷ୍ଣସିଂହ ପାଠାଗାରର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି । ଆସିକା ସହରର ନିରଞ୍ଜନ ନଗରରେ ଥିବା ଏହି କୃଷ୍ଣସିଂହ ପକ୍ଷଠାଗାରକୁ ସୃଦୃଢ଼ କରିବା ପାଇଁ ନୂତନ କମିଟି ଗଠନ କରା ଯାଇଥିଲା । ସହରର ବୁଦ୍ଧିଜୀବୀ, ଶିକ୍ଷାବିତ ସମେତ ବିଭିନ୍ନ ବର୍ଗର ବ୍ୟକ୍ତି ମାନଙ୍କୁ ନେଇ ନୂତନ କମିଟି ଗଠନ କରା ଯାଇଥିଲା । କୃଷ୍ଣସିଂହ ପାଠାଗାରର ପରିସରରେ ବରିଷ୍ଠ ଆଇନଜୀବୀ ସୁଧାଂଶୁ ପଣ୍ଡାଙ୍କ ସଂଯୋଜନାରେ ୨୦୧୬ରୁ ଆରମ୍ଭ ହୋଇଥିବା ପାଠାଗାରର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ନାଥ ସାହୁ, ବରିଷ୍ଠ ଶିକ୍ଷାବିତ ପ୍ରଫୁଲ୍ଲ ପାଣିଗ୍ରାହୀ, ତାରିଣୀ ସେନାପତି, ପୂର୍ବତନ କାଉନସିଲର ରଶ୍ମିତା ସେନାପତି ପ୍ରମୁଖ ଉପସ୍ଥିତ ରହିଥିଲେ । ଉପଦେଷ୍ଟା ରୂପେ ପୂର୍ବତନ ନଗରପାଳ ଆଇନଜୀବୀ ଦେବୀପ୍ରସାଦ ରଥ, ଆଇନଜୀବୀ ସୁଧାଂଶୁ ଶେଖର ପଣ୍ଡା, ଆଇନଜୀବୀ ସରୋଜ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ ପାଣିଗ୍ରାହୀ, ସଭାପତି ଭାବେ ଆଇନଜୀବୀ ବ୍ରହ୍ମାନନ୍ଦ ରାଓ, ଉପ ସଭାପତି ତାରିଣୀ ସେନାପତି, ସମ୍ପାଦକ ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ରନାଥ ସାହୁ, କୋଷାଧ୍ୟକ୍ଷ ଭାବେ ସାମ୍ବାଦିକ ସରୋଜ ଦାସ, ଯୁଗ୍ମ ସମ୍ପାଦକ ଅନିଲ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଥିଲା । ଆଇନଜୀବୀ ସୂର୍ଯ୍ୟପ୍ରକାଶ ରାଓ, ପୂର୍ଣ୍ଣଚନ୍ଦ୍ର ନାୟକ, ଶିକ୍ଷକ ଶିବରାମ ମହାରଣା, କିଶୋର ଚନ୍ଦ୍ର ସାହୁ, ଯୁବ ସାମ୍ବାଦିକ ହରିହର ପାଢ଼ୀ, ଦଣ୍ଡପାଣି ବେହେରା, ପ୍ରଭାକର ବେହେରା, ଏସ ପ୍ରସାଦ ରାଓ ଆଚାରୀ, ଶେଖ ବାହାଜାନ, ଶ୍ରୀନିବାସ ପାତ୍ର ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା ।

# ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍




ଜି.ଉଦୟଗିରି, ୧୯।୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି । କାୟାକଳ୍ପର ରାଜ୍ୟସ୍ତରୀୟ ଟିମ୍‌ରେ ଡା. ଅଞ୍ଜନା ପଣ୍ଡା, ଡା. ରୁଦ୍ର ଦାସ, ଡା. ବୀଣାପାଣି ନନ୍ଦ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ବର୍ହିବିଭାଗରେ ଇଞ୍ଜେକସନ ରୁମ୍, ଡ୍ରେସିଂ ରୁମ୍, ଅଂଶୁଘାତ ଚିକିତ୍ସା କକ୍ଷ, ଔଷଧ କାଉଣ୍ଟର, ପରୀକ୍ଷାଗାର ସହ ଅନ୍ତଃବିଭାଗରେ ରହିଥିବା ରୋଗୀ ୱାର୍ଡ, ଲେବର ରୁମ୍ ଆଦି ବୁଲି ଦେଖିଥିଲେ ଏହି ଟିମ୍ । ଶୌଚାଳୟ ସ୍ଥିତି ମଧ ପରଖିଥିଲେ । ଟିମ୍ ଗସ୍ତ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ରତିକାନ୍ତ ସାହୁ, ବିପିଓ ରାଜ କିଶୋର ସାହୁ, ଫାର୍ମାସିଷ୍ଟ ରାଜ କିଶୋର ରଥ, ଅନ୍ୟ ଡାକ୍ତର, ନର୍ସ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ




ଛତ୍ରପୁର, ୧୯ ।୧(ସମିସ): ଛତ୍ରପୁର ପ୍ରେସ କ୍ଲବ ପକ୍ଷରୁ ବାର୍ଷିକ ଉତ୍ସବ ଉପଲକ୍ଷେ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିପରି କ୍ଲବ ପରିସରରେ ମହିଳାମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଦୁଇଟି ପ୍ରତିଯୋଗିତାର ବିଜେତା ମାନଙ୍କୁ ଆସନ୍ତା ୨ ତାରିଖରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ । ସେହିପରି ସୋମବାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଏବଂ ଜାନୁୟାରୀ ୨୫ ତାରିଖରେ ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଙ୍ଗ୍ ରୁମରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ । ଛତ୍ରପୁର ପ୍ରେସ କ୍ଲବ କେବଳ ଖବର ପରିବେଷଣ କରୁନାହିଁ ବରଂ ବହୁ ଜନହିତକର କାର୍ଯ୍ୟକ୍ରମ କରୁଛି ଏପରିକି ଦୁଇ ଥର ରକ୍ତ ଦାନ ଶିବିର ମଧ ଆୟୋଜନ କରାଯାଇଛି ବୋଲି ସଭାପତି ରବୀନ୍ଦ୍ର ନାଥ ପଣ୍ଡା ଓ ସମ୍ପାଦକ ସନ୍ତୋଷ ପାଢ଼ୀ କହିଛନ୍ତି । କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସାମ୍ବାଦିକ ଉପସ୍ଥିତ ଥିଲେ ।

# ଗଞ୍ଜାମ ରେଡି ମହାଜନ ସଂଘ ପୁନର୍ଗଠିତ



ଗଞ୍ଜାମ, ୧୯ ।୧(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ପଞ୍ଚାୟତର କୁଶପଲ୍ଲୀ ନିକଟସ୍ଥ ଚାମୁଣ୍ଡା ମନ୍ଦିର ପ୍ରାଙ୍ଗଣରେ ଗଞ୍ଜାମ ରେଡି ମହାଜନ ସଂଘମ ଆସ୍କା ଜୋନର ପୁନର୍ଗଠିତ ହୋଇଛି । ଗଞ୍ଜାମ ବ୍ଲକ ବଡ଼ କାଇଁଚପୁର ଗ୍ରାମର ତଥା ଗଞ୍ଜାମ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଆର. ଭାଗିରଥି ରେଡିଙ୍କୁ ପୁନର୍ବାର ଆସ୍କା ଜୋନ୍‌ର ସଭାପତି ଭାବେ ଚୟନ କରାଯାଇଛି । ଉପସଭାପତି ଡି ଭାସ୍କର ରେଡି, କେ. ଆବାଲ୍ୟ ରେଡି, ସମ୍ପାଦକ କେ. ଗୁରୁମୂର୍ତ୍ତି ପ୍ରଧାନ, ସହ ସମ୍ପାଦକ ଏ. ଗୋପାଳ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଏ. ରଘୁନାଥ ରେଡି, ଉପଦେଷ୍ଟା କେ. ଦଣ୍ଡପାଣି ରେଡି, ଏନ. ଅଭି ରେଡି, ଆଇନ ଉପଦେଷ୍ଟା କେ. ଦୁର୍ଯ୍ୟୋଧନ ରେଡି ପ୍ରମୁଖଙ୍କୁ ଚୟନ କରାଯାଇଥିଲା । ଉକ୍ତ ସମାବେଶରେ ଜିଲ୍ଲା ସଭାପତି ସିଏଚ. ଡିଲେଶ୍ୱର ରେଡ୍ଡି, ଜିଲ୍ଲା ଉପଦେଷ୍ଟା ଏମ. ଆପା ରାଓ ରେଡି, ଜିଲ୍ଲା ଉପସଭାପତି କେ. ଦୁର୍ଯ୍ୟୋଧନ ରେଡି, ଜିଲ୍ଲା ସହ ସମ୍ପାଦକ ଡି. ନରସିଂହ ରେଡି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ ।

# ଜନପ୍ରତିନିଧିଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ

ଛତ୍ରପୁର, ୧୯ ।୧(ସମିସ): ଛତ୍ରପୁର ବ୍ଲକ ଜନପ୍ରତିନିଧିମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବ୍ଲକ ଅଧକ୍ଷା କିରଣ କୁମାରୀ ଦାସଙ୍କ ନେତୃତ୍ୱରେ ତାମ୍ପରା ହଦ୍ର ନିକଟରେ ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ବ୍ଲକ ଦେଶରେ ସର୍ବଶ୍ରେଷ୍ଠ ହୋଇଥବା ବେଳେ ପୁଣି ଏହି ଧାରା ବଜାୟ ରଖିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା । ସମସ୍ତ ଜନପ୍ରତିନିଧିଙ୍କ ମତାମତକୁ ନେଇ ବିକାଶ ଜାରି ରହିବ । କେଉଁ ଅଞ୍ଚଳରେ ଯଦି କିଛି ଅସୁବିଧା ହେଉଛି ତେବେ ବ୍ଲକ ଅଧକ୍ଷାଙ୍କ ଦୃଷ୍ଟିକୁ ଆଣିବାକୁ କୁହାଯାଇଛି । ବିକାଶ କାର୍ଯ୍ୟରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷା ଏସ. ସାରଦା ରେଡିଙ୍କ ସମେତ ୧୮ ପଞ୍ଚାୟତର ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ । ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ମୁନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।



# କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ଗଞ୍ଜାମ, ୧୯ ।୧(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଡ଼ମପେଟା ଓ ଡିଆରପି କଲୋନୀରେ ଭିୟୁଷ ଅନୁଷ୍ଠାନ ପକ୍ଷରୁ ଚାଲିଥିବା କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ସମାରୋହରେ ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ପ୍ରଧାନ ଓ ଓଡ଼ିଶା ସମ୍ବାଦିକ ସଂଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇଥିଲେ । କୋଡିନେଟର ଜେ. ଟିଟୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କମ୍ପ୍ୟୁଟର ଟ୍ରେନର ସିଏଚ ପଦ୍ମିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ୱାର୍ଡ ମେମ୍ବର ଏନ. ଲକ୍ଷ୍ମୀ ଓ ସିଏଚ ଶ୍ୟାମ, ପୂର୍ବତନ ୱାର୍ଡ ମେମ୍ବର ବି. ହାଡ଼ି, ଗ୍ରାମ୍ୟ ସଭାପତି ବି. ଜଗନ୍ନାଥ, ଭଦ୍ରବ୍ୟକ୍ତି କେ. କୁଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଅତିଥି ମାନଙ୍କ ଦ୍ୱାରା ୧୫୦ ଜଣ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ପ୍ରଧାନଶିକ୍ଷକଙ୍କ ମାସିକ ବୈଠକ



ପାତ୍ରପୁର, ୧୯ ।୧(ସମିସ): ପାତ୍ରପୁର ବ୍ଲକ ଅନ୍ତର୍ଗତ ବରଙ୍ଗ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପାତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପାଢ଼ୀ, ଏସ. ବିଶ୍ୱନାଥ, ରାମକୃଷ୍ଣ ସୀଙ୍ଗାରି, ଗୌରହରି ଟହଲ, ସୁଶାନ୍ତ କୁମାର ମହାଲିକ ପ୍ରମୁଖ ମଞ୍ଚାସିନ ହୋଇଥିଲେ । ଗୁଣାତ୍ମକ ଶିକ୍ଷାର କିପରି ବିକାଶ ହେବ ତାହା ଉପରେ ଆଲୋଚନା ହୋଇଥିଲା । ଆଗକୁ ଦଶମ ଶ୍ରେଣୀ କିପରି ଶତ ପ୍ରତିଶତ ଫଳାଫଳ ରହିବ ତାହା ଉପରେ ଆଲୋଚନା ହୋଇଥିଲା । ବ୍ଲକର ସମସ୍ତ ବିଦ୍ୟାଳୟର ଶିକ୍ଷକ ମାନେ ଉପସ୍ଥିତ ଥିଲେ ।

# ଆତ୍ମରକ୍ଷା ତାଲିମ ଶିବିର



ଭଞ୍ଜନଗର, ୧୯ ।୧(ସମିସ): ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ଯୋଗଦେଇ ଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଶିବିରର ଲକ୍ଷ୍ୟ ସମ୍ପର୍କରେ କହିଥିଲେ । ଯୋଜନା ଅଧିକାରୀ ଡ. ରବୀନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୋଜନା ଅଧିକାରୀ ଅଧ୍ୟାପିକା ତୃପ୍ତିମୟୀ ଦାସ ଧନ୍ୟବାଦ୍ ପ୍ରଦାନ କରିଥିଲେ । ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ହର ପ୍ରସାଦ ଶତପଥୀ, ରେଡକ୍ରସ ଅଧିକାରୀ ବିଦେଶୀ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିରର ରୌପ୍ୟ ଜୟନ୍ତୀ

ବେଲଗୁଣ୍ଠା, ୧୯ ।୧(ସମିସ): ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିରରେ ଅନୁଷ୍ଠାନର ସଭାପତି ମାଧବ ଚନ୍ଦ୍ର ଆପଟଙ୍କ ସଭାପତିତ୍ୱରେ ୨୫ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଲେଖକ ତଥା କବି ପ୍ରସନ୍ନ କୁମାର ଦଳେଇ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭଞ୍ଜନଗର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ଅନ୍ୟତମ ଅତିଥି ଭାବେ ଆଇନଜୀବୀ ସନ୍ତୋଷ ପଣ୍ଡା, ସମାଜସେବୀ ରଞ୍ଜିତ ବାରିକ ସ୍ୱତନ୍ତ୍ର ଅତିଥି ଭାବେ ରୋଟାରୀୟାନ ଜିଲ୍ଲା ଗଭର୍ଣ୍ଣର ଯାଜ୍ଞସେସ ମହାପାତ୍ର ଯୋଗଦେଇଥିଲେ । ସେହିପରି ବଣିକ ସଙ୍ଘର ସଭାପତି ସନତ କୁମାର ସୁବୁଦ୍ଧି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ କାଶୀନାଥ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଗୁରୁଜୀ ଯଥା ସୁକାନ୍ତ, ଶିବରାମ, ଗୁଣ୍ଡିଚା, ସନ୍ତୋଷ, ସତ୍ୟ, ବସନ୍ତ ଓ ଗୁରମା ସନ୍ଧ୍ୟା, ରୁନି, ମହାଲକ୍ଷ୍ମୀ, ଟୁନି, ବିଶ୍ମିତା, ଶୁଭମ୍, ମାହେଶ୍ୱରୀ, ପିଙ୍କି, ସୁଜାତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ସହ ପ୍ରଧାନ ଆଚାର୍ଯ୍ୟା ଶୁଭଶ୍ରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।



# ଆନ୍ତଃଜିଲ୍ଲା ଭଲିବଲ ଟୁର୍ଣ୍ଣାମେଣ୍ଟ: ଦାରିଙ୍ଗବାଡ଼ି ଟିମ୍ ବିଜୟୀ

ଦିଗପହଣ୍ଡି, ୧୯ ।୧(ସମିସ)



ଦିଗପହଣ୍ଡି ବ୍ଲକ ଖମ୍ବାରୀ ଗାଁ ପଞ୍ଚାୟତ ଗୋଲଣ୍ଡା ଗ୍ରାମରେ ବୃନ୍ଦାବନ ଚନ୍ଦ୍ର ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚାଲିଥିବା ଗୌରୀଶଙ୍କର ଓ ଚନ୍ଦନ ସ୍ମାରକୀ ଆନ୍ତଃଜିଲ୍ଲା ଭଲିବଲ ଟୁର୍ଣ୍ଣାମେଣ୍ଟ ଲିଗ୍ ପର୍ଯ୍ୟାୟ ମ୍ୟାଚ ଶେଷ ହୋଇଯାଇଛି । ରବିବାର ଅନୁଷ୍ଠିତ ମ୍ୟାଚରେ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଟିମ୍ ଗଜପତି ଜିଲ୍ଲାର ଅଡବା ଟିମ୍‌କୁ ୨-୦ ସେଟରେ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛି । ଦିଗପହଣ୍ଡି ଏନଏସି ଅଧକ୍ଷ ପ୍ରଫୁଲ ପଣ୍ଡା ମୁଖ୍ୟ ଅତିଥି, ଦିଗପହଣ୍ଡି ନଗର କଂଗ୍ରେସ କମିଟି ସଭାପତି ତଥା କାଉନସିଲର ଦୀପକ କୁମାର ମିଶ୍ର, ଅବସରପ୍ରାପ୍ତ କଲେଜ ଅଧକ୍ଷ ଆଦିକନ୍ଦ ସାହୁ, ବରିଷ୍ଠ କ୍ରୀଡାବିତ୍ ଦୁର୍ଗାପ୍ରସାଦ ଦାସ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଉଭୟ ଟିମ୍‌ର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । କ୍ଲବ ସଭାପତି ରଞ୍ଜନ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ତଥା ସମ୍ପାଦକ ଚିତ୍ରସେନ ଗୌଡ଼, କୋଷାଧକ୍ଷ ପ୍ରଶାନ୍ତ ଗୌଡ଼, ଉପଦେଷ୍ଟା ଶିବାନନ୍ଦ ପାଣିଗ୍ରାହୀ, ଭୈରବ କର, ଦୁର୍ଗାପ୍ରସାଦ ଗୌଡ, ଜୟସନ ପାଣିଗ୍ରାହୀ, ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜଳିଗଲା ପାଞ୍ଚ ଭରଣ ଜମିର ଧାନଗଦା



ଧରାକୋଟ,୧୯ ।୧(ସମିସ): ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତର ଗୋପାଳପୁର ଗ୍ରାମର ଗୌଡ଼ସାହି ନିକଟରେ ଥିବା ଗ୍ରାମର ବନବାସ ବିଶୋଇ, ଶିବରାମ ବିଶୋଇ, ମଙ୍ଗୁଲୁ ବିଶୋଇ, ବାୟା ବିଶୋଇ ଓ ଗାଣ୍ଡୁ ବିଶୋଇଙ୍କର ପାଞ୍ଚ ଭରଣ ଜମିର ଧାନ ଫସଲ ସହ ନଡ଼ା ଗଦା ଜଳିପୋଡ଼ି ନଷ୍ଟ ହୋଇଯାଇଛି। ରବିବାର ସକାଳୁ ହଠାତ ଧାନ ଗଦାରେ ନିଆଁ ଲାଗି ତାହା ଜଳିବାକୁ ଲାଗିଥିଲା। ଖବର ପାଇ ଧରାକୋଟ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିଶମ ବିଭାଗ ଅଧିକାରୀ ରୁଦ୍ର ମାଧବ ମଲିକଙ୍କ ନିର୍ଦ୍ଦେଶ ଅନୁସାରେ ଯୁଗଳ ଦିଗାଲ, ପବିତ୍ର ବେହେରା, ଅରୁଣ ବିନ୍ଧାଣି ଓ ଭୀମସେନ ନାୟକ ପ୍ରମୁଖ ଗୋପାଳପୁରରେ ପହଞ୍ଚିଥିଲେ। ସମ୍ପୃକ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

## ବାହୁଦା ନଦୀରୁ ଅଜଣା ମୃତଦେହ ଉଦ୍ଧାର

ପାତ୍ରପୁର,୧୯ ।୧(ସମିସ): ଜରଡ଼ା ଥାନା ଅନ୍ତର୍ଗତ ଖରଣିପଡ଼ା ନିକଟସ୍ଥ ବାହୁଦା ନଦୀରେ ଏକ ମୃତଦେହ ଭାସୁଥିବା ରବିବାର ଦେଖିବାକୁ ମିଳିଥିଲା। ମୃତଦେହ ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଜରଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାତ୍ରପୁର ଅଗ୍ନିଶମ ବାହିନୀର ସହାୟତାରେ ନଦୀରୁ ଶବ ଉଦ୍ଧାର କରିଥିବା ବେଳେ ମୃତକଙ୍କ ପରିଚୟ ମିଳିନଥିବା ଜଣାପଡିଛି। ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡିଛି। ପ୍ରାୟ ୨ରୁ ୩ ଦିନ ହେବ ମୃତଦେହ ନଦୀରେ ପଡ଼ିଥିବା ଅନୁମାନ କରାଯାଉଛି।

## ସଡ଼କ ଦୁର୍ଘଟଣାରେ ୨ ମୃତ

ପାତ୍ରପୁର,୧୯ ।୧(ସମିସ): ପଡୋଶୀ ଆନ୍ଧ୍ରପ୍ରଦେଶ ସାନ୍ତାପେଟା ଛକ ନିକଟରେ ରବିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଜରଡା ଥାନା ଅନ୍ତର୍ଗତ ବୋରିବାଡ ଗ୍ରାମର କେ କାର୍ତ୍ତିକ(୨୦) ଓ ବଣସୋଲା ଗ୍ରାମର ଇଶ୍ବରୁ ବିନୋଦ (୨୫) ବୋଲି ଜଣାପଡିଛି। ଉଭୟ କୌଣସି କାମରେ ଆନ୍ଧ୍ର ଯାଇଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଅବ୍ୟକ୍ତ ସ୍ମୃତି ଦିବସ ପାଳିତ



ଭଞ୍ଜନଗର,୧୯ ।୧(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଭଞ୍ଜନଗରସ୍ଥ ଶାନ୍ତି ସ୍ରୋତ ଭବନରେ ୫୬ତମ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ପୁଲିସ ଆରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ ସାର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ପ୍ରାକ୍ତନ ମୃତ୍ତିକା ସଂରକ୍ଷଣ ଅଧିକାରୀ ଲଡୁ କିଶୋର ମହାପାତ୍ର, ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ମୁଖ୍ୟବକ୍ତା ରୂପେ ଉକ୍ତ କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମା କୁମାରୀ ସନ୍ତୋଷିନୀ ଭଉଣୀ ପ୍ରଜାପିତା ବ୍ରହ୍ମାବାବାଙ୍କ ତ୍ୟାଗ ଓ ତପସ୍ୟା ବିଶ୍ୱ ପରିବର୍ତ୍ତନର ଦୁଇଟି ସହାୟକ ସ୍ତମ୍ଭ ବୋଲି ବିଶଦ ଆଲୋଚନା କରିଥିଲେ। ସାମ୍ବାଦିକ ଲୋକନାଥ ଭ୍ରାତା, ବିଶ୍ୱମ୍ବର ଭ୍ରାତା, ସମାଜସେବୀ ଶୂଳପାଣି ଭ୍ରାତା, ବ୍ୟାଙ୍କ କର୍ମଚାରୀ ସମେତ ୫୦୦ରୁ ଅଧିକ ଆଧ୍ୟାତ୍ମିକ ପ୍ରେମୀ ଭାଇଭଉଣୀ ଉପସ୍ଥିତ ଥିଲେ।

## ଅଷ୍ଟମ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ରମ୍ଭା,୧୯ ।୧(ସମିସ): କନକା କ୍ଲଷ୍ଟର ଅଧୀନସ୍ଥ କେ. ଗୁହାରିଆପାଟସ୍ଥିତ ସେବାଶ୍ରମ ବିଦ୍ୟାଳୟରେ ଅଷ୍ଟମ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲାବେଳେ ଶିକ୍ଷକ ଦେବରାଜ ଗୌଡ଼ ଭଜନ ପରିବେଷଣ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଡକ୍ଟର ଦ୍ୱାରିକାନାଥ ମହାରଣା ବୈଠକରେ ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ଜଣାଇ ପ୍ରତ୍ୟେକ ମାସରେ ଅନୁଷ୍ଠିତ ବୈଠକର ପ୍ରୟୋଜନତା, ଉଭୟ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରରେ ଭାଷା, ଗଣିତ ବିଷୟ କ୍ରମରେ ଶିକ୍ଷଣ ଫଳାଫଳ ସମ୍ପର୍କରେ ଆଲୋଚନା କରିଥିଲେ। କ୍ଲଷ୍ଟରରେ କାର୍ଯ୍ୟରତ ଶିକ୍ଷକ ଦେବରାଜ ଗୌଡ଼, ହରେକୃଷ୍ଣ ମଲ୍ଲିକ, ପ୍ରଫୁଲ୍ଲ ଶବର, ନିରଞ୍ଜନ ପଣ୍ଡା, ଦେବରାଜ ଜାନି, ସଚ୍ଚିଦାନନ୍ଦ ମିଶ୍ର, କୃଷ୍ଣ ପ୍ରସାଦ ନାୟକ, ସୁରଥ ଦାସ, ସୁକାନ୍ତ କୁମାର ଦାଶ, ନିରଞ୍ଜନ ଜାଲି, କମଳଜିତ୍ ତ୍ରିପାଠୀ, ସୌମେନ୍ଦ୍ର ମୁଣ୍ଡା, ସନ୍ତୋଷ କୁମାର ବାରିକ, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଧାନ, ଚମ୍ପାବତୀ ପଟ୍ଟନାୟକ, ବିଦ୍ୟୁତପ୍ରଭା ନାୟକ, ତପସ୍ୱିନୀ ଜାନି, ଲକ୍ଷ୍ମୀପ୍ରିୟା ପାତ୍ର, ସତ୍ୟଭାମା ଦେବତା ପ୍ରମୁଖ ଯୋଗଦେଇଥିଲେ।

### କାହା ଚାପରେ ତହସିଲ ପ୍ରଶାସନ

# ସରକାରୀ ଜମିରୁ ଉଚ୍ଛେଦ ହେଉନି ଜବରଦଖଲ

**ଗ୍ରାମବାସୀଙ୍କ ଦାବିକୁ ଅଣଦେଖା**

**ସମସ୍ୟା ଭୋଗୁଛନ୍ତି ଛାତ୍ରଛାତ୍ରୀ**

କୁକୁଡ଼ାଖଣ୍ଡି,୧୯ ।୧(ସମିସ)

କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗ୍ରାମ ଗୌଡ଼ ସାହିରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି। ସ୍କୁଲରେ ପ୍ରଥମ ଶ୍ରେଣୀଠାରୁ ଆରମ୍ଭ କରି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଢ଼ୁଛନ୍ତି। ଏତେ ସଂଖ୍ୟକ ପିଲାଙ୍କ ଲାଗି ରୋଷେଇ ଘର ଓ ଖେଳ ପଡ଼ିଆ ନଥିବାରୁ ଗ୍ରାମବାସୀ ତଥା ଅଭିଭାବକମାନେ ବ୍ଲକ କର୍ତ୍ତୃପକ୍ଷ ତଥା ବିଧାୟକଙ୍କୁ ଅବଗତ କରିଥିଲେ। ଏହାପରେ ବ୍ଲକ ଉନ୍ନୟନ କର୍ତ୍ତୃପକ୍ଷ ଉକ୍ତ ସ୍କୁଲ ପାର୍ଶ୍ୱରେ ଥିବା ଏକ ସରକାରୀ ଜମି ଯାହାର (ଖାତାନଂ-୬୮୧ ଓ ପ୍ଲଟନଂ ୧୭୯୮,୧୭୯୯)ରେ ରୋଷେଇ ଗୃହ, ଇ-ଲାଇବ୍ରେରୀ ନିର୍ମାଣ ଲାଗି ୨୦୨୩-୨୪ ଆର୍ଥିକ ବର୍ଷରେ ୨ଲକ୍ଷ ୫୦ ହଜାର ଟଙ୍କା ଅନୁମୋଦନ କରିଥିଲେ। ଏହାର ଫଳକ ଲଗାଯାଇ ସେଠାରେ କାମ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ କୌଣସି କାରଣରୁ ବର୍ତ୍ତମାନ ନିର୍ମାଣ ହୋଇନାହିଁ। କିନ୍ତୁ ବର୍ତ୍ତମାନ ସେଠାରେ ଗାଁର ଜଣେ ମୁଷ୍ଟିମେୟ ବ୍ୟକ୍ତି ବେଆଇନ ଦଖଲ କରି ନିଜ ସୁବିଧା ଲାଗି ଦୋକାନ ଗୃହ ନିର୍ମାଣ କରୁଛନ୍ତି। ଗ୍ରାମବାସୀ ଏହାକୁ ବିରୋଧ କରି ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ୱାର୍ଡ ମେମ୍ବରଙ୍କୁ ଅବଗତ କରିଥିଲେ। ଏପରିକି ସ୍ଥାନୀୟ ତହସିଲଦାରଙ୍କୁ ମଧ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ତହସିଲଦାର ଜବରଦଖଲକାରୀଙ୍କୁ ଦୁଇଥର ନୋଟିସ ଦେଇଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା ଉକ୍ତ ସରକାରୀ ଜମିରୁ ଜବରଦଖଲ ହଟିନି।

ପ୍ରଶାସନର ବିଳମ୍ବ ଦେଖି ଗ୍ରାମବାସୀ ଗତମାସ ୨୩ ତାରିଖରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣିରେ ଯୋଗଦେଇ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପଜିଲ୍ଲାପାଳ ଆସନ୍ତା ମାସ ଅର୍ଥାତ ଜାନୁଆରୀ ୧୫ ତାରିଖ ସୁଦ୍ଧା ଜବରଦଖଲ ଉଚ୍ଛେଦ କରାଯିବ ବୋଲି କହିଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ଜବରଦଖଲ ହଟିନି। ଅପରପକ୍ଷେ ସ୍କୁଲରେ ପଢ଼ୁଥିବା ଛାତ୍ରଛାତ୍ରୀଙ୍କ ଲାଗି ରୋଷେଇଶାଳ ନଥିବାରୁ ପିଲାମାନେ ଏଣେତେଣେ ଖାଇବା ସହ ସମସ୍ୟା ଭୋଗୁଛନ୍ତି। ରାଜ୍ୟ ସରକାର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ଏଠାରେ ସରକାରୀ ବାବୁମାନେ ସରକାରଙ୍କ ନିର୍ଦ୍ଦେଶକୁ କିପରି ପାଳନ କରୁଛନ୍ତି ତାହା ଏହି ଘଟଣାରୁ ସ୍ପଷ୍ଟ ବାରି ହେଉଛି। କାରଣ ତହସିଲ ପ୍ରଶାସନ ଜବରଦଖଲକାରୀଙ୍କୁ କେବଳ ନୋଟିସ ଦେଇ ଚୁପ୍ ବସିଛି। ତହସିଲ ପ୍ରଶାସନ ଉପରେ କାହା ରହିଛି କି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। କାରଣ ନୋଟିସ ପରେ ଉଚ୍ଛେଦ ଲାଗି ପ୍ରଶାସନ ଦିନ ପରେ ଦିନ ଗଡ଼ାଇ ଚାଲିଛି। ଫଳରେ ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ ହେବା ବଦଳରେ ଅଧିକ ଜଟିଳ ହେବାରେ ଲାଗିଛି। ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ସମ୍ମିଳନୀ



ଭଞ୍ଜନଗର,୧୯ ।୧(ସମିସ)

ଭଞ୍ଜନଗର ବନ ବିଭାଗ ଡାକବଙ୍ଗଳାରେ ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ସପ୍ତମ ବାର୍ଷିକ ସମ୍ମିଳନୀ ସଭାପତି ସୋମନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀଶଙ୍କର ଶତପଥୀ ମୁଖ୍ୟବକ୍ତା ଏବଂ ମଞ୍ଚର ଉପଦେଷ୍ଟା ତଥା ପୂର୍ବତନ ମହାବିଦ୍ୟାଳୟ ଅଧ୍ୟକ୍ଷ ଶିବରାମ ପଣ୍ଡା, ଡକ୍ଟର କମ୍ବୁପାଣି ସାମନ୍ତ, ମଞ୍ଚର ଉପ-ସଭାପତି ସନ୍ତୋଷ କୁମାର ତିଆଡ଼ି, ସୋରଡା ବରିଷ୍ଠ ନାଗରିକ ମଞ୍ଚ ତଥା ଶଶୀଭୂଷଣ ସାହିତ୍ୟ ସଂସଦର ସଭାପତି ଧୋବା ବେହେରା, ସମ୍ପାଦକ ଉମାଶଙ୍କର ଦାସ, ୱାଲିପଦର ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ପ୍ରକାଶ ଚନ୍ଦ୍ର ରଥ, ଗୋପାଳ ଚନ୍ଦ୍ର ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡକ୍ଟର ସୁରେଶ କୁମାର ପଣ୍ଡା ଏବଂ ସମ୍ପାଦକ ରବି ନାରାୟଣ ସାମନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଅଶୋକ କୁମାର ସାହୁ, ସମାଜସେବୀ ତଥା ସାମ୍ବାଦିକ ମାଗୁଣି ମିଶ୍ର, ବ୍ରଜଗୋପାଳ ମହାରଣା, ବିଭୂତି ଭୂଷଣ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଣ୍ଠଶିଳ୍ପୀ ଅଶୋକ କୁମାର ସ୍ୱାଇଁ ଏବଂ ସାଥୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ମଞ୍ଚର ସଦସ୍ୟ ପ୍ରତାପ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରହ୍ମାବାବାଙ୍କ ଅବ୍ୟକ୍ତ ସ୍ମୃତି ଦିବସ

କବିସୂର୍ଯ୍ୟନଗର,୧୯ ।୧(ସମିସ): କବିସୂର୍ଯ୍ୟନଗରସ୍ଥିତ ପ୍ରଭୁପ୍ରିତ୍ ଭବନ ବ୍ରହ୍ମାକୁମାରିସ ଆଶ୍ରମରେ ପ୍ରଜାପିତା ବ୍ରହ୍ମା ବାବାଙ୍କ ୫୬ତମ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ ହୋଇଯାଇଛି। କବିସୂର୍ଯ୍ୟନଗରର ବିଶିଷ୍ଟ ସମାଜସେବୀ ମହେଶ୍ୱରୀ ଦୋରା ଓ ସମାଜସେବୀ ସମ୍ମୁଲିଙ୍ଗମ୍ ସାର୍ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଭୁ ପ୍ରୀତ ଭବନର ସଂଚାଳିକା ରଜାଯୋଗିନୀ ବ୍ରହ୍ମାକୁମାରୀ ସୁଜ୍ଞାନୀ ଭଉଣୀ ଏହି ସଂସ୍ଥାର ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ ବ୍ରହ୍ମାକୁମାର ସତ୍ୟପ୍ରିୟଭାଇ ଏହି ଆଧ୍ୟାତ୍ମିକ ଜ୍ଞାନ ଦ୍ୱାରା ଚାରିତ୍ରିକ ଉନ୍ନତି ହୋଇଥାଏ ବୋଲି ନିଜ ଅନୁଭବରେ ଅନୁବକ୍ତ କରିଥିଲେ। ଲାୟନ୍ସ କ୍ଲବର ସଭାନେତ୍ରୀ ମାହେଶ୍ୱରୀ ଦୋରା



ରାଜସ୍ଥାନସ୍ଥିତ ଏହି ବିଶ୍ୱବିଦ୍ୟାଳୟର ମୁଖ୍ୟାଳୟ ମଧୁବନର ଅନୁଭବ ସେୟାର କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବ୍ରହ୍ମାକୁମାରୀ ନିରୁପ୍ରଭା ଦିଦି। ସମସ୍ତେ ବ୍ରହ୍ମାବାବାଙ୍କ ଫଟୋରେ ପୁଷ୍ପ ପ୍ରଦାନ କରିଥିଲେ। ବ୍ରହ୍ମାକୁମାର ଚରଣ, ବଳରାମ, ନାଗେଶ୍ୱର, ପବିତ୍ର ଏବଂ ବ୍ରହ୍ମାକୁମାରୀ ଧରଣୀ, ଅନୁ, ଭାଗ୍ୟ, ନିଳାବତି ପ୍ରମୁଖ ସହଯୋଗ କରିଥିଲେ।

## ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ହିଞ୍ଜିଳିକାଟୁ,୧୯ ।୧(ସମିସ): ହିଞ୍ଜିଳିକାଟୁ ବ୍ଲକ ସମରଝୋଳସ୍ଥିତ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟା ପି. ମହାଲକ୍ଷ୍ମୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରତିଷ୍ଠାତା ରମାକାନ୍ତ ପାଢ଼ୀ ସଭାପତିତ୍ୱ କରିଥିଲେ। ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଉପଦେଷ୍ଟା ଅନନ୍ତରାମ ପାଢୀ, ଆଇନଜୀବୀ ରଜନୀକାନ୍ତ ପାଢୀ, ବଣିକ ସଂଘ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ରାଷ୍ଟ୍ରୀୟ ଶିକ୍ଷା ସଂସ୍ଥାନ ସମ୍ପାଦକ ସୂର୍ଯ୍ୟନାରାୟଣ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ବସନ୍ତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ମନ୍ଦିରର ଆଚାର୍ଯ୍ୟ, ଆଚାର୍ଯ୍ୟା, ସେବକ ଓ ସେବିକା ସହଯୋଗ କରିଥିଲେ।

## କୁର୍ମି କ୍ଷତ୍ରିୟ ସଂସ୍ଥାର ସମ୍ବର୍ଦ୍ଧନା ଉତ୍ସବ



ଜଗନ୍ନାଥପ୍ରସାଦ,୧୯ ।୧(ସମିସ)

ଜଗନ୍ନାଥପ୍ରସାଦ ବ୍ଲକ ଛାମୁଣ୍ଡା ଅଞ୍ଚଳ ନିଖିଳ ଉତ୍କଳ କୁର୍ମି କ୍ଷତ୍ରିୟ ସଂସ୍ଥା କୁରୁମକୁଳ ଗୃହରେ ଶିକ୍ଷାବୃତ୍ତି ଓ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ କୂର୍ମିକ୍ଷତ୍ରୀୟ ସଂସ୍ଥାର ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତା ବଂଶୀଧର ନାୟକ, ସର୍ବଭାରତୀୟ ପଦାଧିକାରୀ ଗଙ୍ଗାଧର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଛାମୁଣ୍ଡା ଅଞ୍ଚଳ ସଭାପତି ଅକ୍ଷୟ କୁମାର ଦଳବେହେରା, ସମ୍ପାଦକ ବଂଶୀଧର ନାୟକ, ଉପସଭାପତି ଉପେନ୍ଦ୍ର ଭଞ୍ଜ ନାୟକ, ସହସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ଓମପ୍ରକାଶ ପ୍ରଧାନ, ଆଇନ ପରାମର୍ଶଦାତା ବିନାୟକ ପ୍ରଧାନ, କୁଳାଧିକାରୀ ଅନ୍ତର୍ଯ୍ୟାମୀ ପ୍ରଧାନ, ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ପ୍ରମୁଖଙ୍କୁ ବିଧାୟକ ଶ୍ରୀ ନାୟକ ସମ୍ମାନିତ କରିଥିଲେ। ଏହା ବ୍ୟତୀତ ସାକେରୀ ଅଞ୍ଚଳ ସଭାପତି ରଜନୀକାନ୍ତ ନାୟକ, ବୈକୁଣ୍ଠ ନାଥ ପ୍ରଧାନ, କରଚୁଲି ଅଞ୍ଚଳ ସଭାପତି ବିଜୟ ସେନାପତି ଓ ସମ୍ପାଦକ ପୀତବାସ ପ୍ରଧାନ, ଭୁବନେଶ୍ୱର ଅଞ୍ଚଳ ସଭାପତି ବିପ୍ର ଚରଣ ବଳିୟାରସିଂ ଓ ସମ୍ପାଦକ ମହେଶ୍ୱର ପ୍ରଧାନ ପ୍ରମୁଖ ସମ୍ମାନିତ ହୋଇଥିଲେ। ଏହି ଅବସରରେ ୩୩ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଥିଲା।

### ପ୍ରହସନ ପାଲଟିଛି ଧାନମଣ୍ଡି

# ପ୍ରଶାସନ ଓ ମିଲରଙ୍କ ଚକ୍ରବ୍ୟୂହରେ ଫସୁଛନ୍ତି ଚାଷୀ

ପାତ୍ରପୁର,୧୯ ।୧(ସମିସ)

ଗଞ୍ଜାମ ଜିଲ୍ଲା ସୀମାନ୍ତ ପାତ୍ରପୁର ବ୍ଲକରେ ସରକାରଙ୍କ ପକ୍ଷରୁ ଖୋଲା ଯାଇଥିବା ଧାନମଣ୍ଡି ପ୍ରହସନ ପାଲଟିଛି। ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ମଣ୍ଡି ଚଳିତ ମାସ ୩ ତାରିଖରୁ ଆରମ୍ଭ କରିଥିବା ବେଳେ ଚାଷୀଙ୍କ ଧାନ ଗ୍ରହଣ ହୋଇପାରୁନଥିବା ଦେଖିବାକୁ ମିଳିଛି। ମିଲ୍ ସମ୍ମୁଖରେ ଟ୍ରାକ୍ଟରରେ ଧାନ ରଖି ଶୀତ ଖରା ଖାଉଛନ୍ତି ଉପାନ୍ତର ଚାଷୀ। ଚାଷୀଙ୍କୁ ଟୋକନ ମିଳିଛି ସତ କିନ୍ତୁ ମିଲରକୁ ଦିଆଯାଇଥିବା ଟାର୍ଗେଟ୍ ସମୁଦ୍ରକୁ ଶଙ୍ଖେ ଭଳି ମନେ ହେଉଛି। ଏଭଳି ପରିସ୍ଥିତିରେ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ପୂର୍ବ ସରକାର ଚାଷୀଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଚଳନ କରି ଚାଷୀଙ୍କ ସ୍ୱାବଲମ୍ବୀ କରିବାର ଅନେକ ନଜିର ରହିଥିବା ବେଳେ ନୂତନ ସରକାର ଶାସନ ଭାର ନେବା ଦିନଠାରୁ ଏଭଳି ଅବ୍ୟବସ୍ଥା ହୋଇଥିବା ଚାଷୀଙ୍କ ମଧ୍ୟରେ ଆଲୋଚନା ହେଉଛି।



ଚଳିତ ବର୍ଷ ବହୁ ବାଧାବିଘ୍ନ ସହ୍ୟ କରି ଚାଷୀକୁଳ ଚାଷ କାମ ସାରିଥିବା ବେଳେ ଅମଳ ସମୟରେ ଅଦିନିଆ ବର୍ଷା ଚାଷୀଙ୍କ ବର୍ଷକର ଆୟ ନଷ୍ଟ ହେବା ଆଶଙ୍କା ଦେଖା ଦେଇଥିଲା। ଅଦିନିଆ ବର୍ଷା ସମୟରେ ଜୀବନକୁ ବାଜି ଲଗାଇ ଯେଉଁ ଅଳ୍ପ କିଛି ଧାନକୁ ସୁରକ୍ଷିତ ରଖିଥିବାବେଳେ ତାହାକୁ ବିକ୍ରି କରି ଋଣ ପରିଶୋଧ କରିବା ଲକ୍ଷ୍ୟ ରଖିଛି ହେଲେ ଧାନମଣ୍ଡିରେ ଅବ୍ୟବସ୍ଥା ଯୋଗୁଁ ଚାଷୀ ଦୁଃଖ ଅସହ୍ୟ ହୋଇଥିବା ଦେଖିବାକୁ ମିଳିଛି। ଦିନ ଦିନ ଧରି ମଣ୍ଡି ଆଗରେ ଗାଡିରେ ଧାନ ରଖୁଥିବା ବେଳେ ଚାଷୀମାନେ ଅଧିକା ଖର୍ଚ୍ଚାନ୍ତ ହେଉଛନ୍ତି । ଯାହାକୁ ଦେଖି ଘୋଡା ଛ' ଟଙ୍କାକୁ ଦାନା ନ' ଟଙ୍କା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଦିନ ଦ୍ୱିପହରରେ ଆନ୍ଧ୍ର ଟ୍ରକରେ ଧାନ ଭରି କରାଯାଉଥିବା ଦେଖିବାକୁ ମିଳିଛି। ଦୁର୍ଭାଗ୍ୟପୂର୍ଣ୍ଣ କଥା ଆନ୍ଧ୍ର ଧାନ ଚାଲାଣ ରୋକିବା ପାଇଁ ଯୋଗାଣ ଅଧିକାରୀଙ୍କୁ ସ୍ୱତନ୍ତ୍ର ଗାଡ଼ିର ବ୍ୟବସ୍ଥା କରାଯାଇଥିବା ବେଳେ ସଞ୍ଜ ହେଲେ ଆନ୍ଧ୍ର ବେପାରୀ ଟନ୍ ଟନ୍ ଧାନ ଖୁଲମଖୁଲା ସୀମା ପାର କରୁଛନ୍ତି। ଅନ୍ୟପକ୍ଷେ କିଛି ଚାଷୀ ଏଭଳି ଅବ୍ୟବସ୍ଥା ଦେଖି ବାଧ୍ୟ ହୋଇ ଆନ୍ଧ୍ର ବେପାରୀଙ୍କ ହାତକୁ ଅଳ୍ପ ଟଙ୍କାରେ ଧାନ ଟେକିଦେଉଥିବା ଜଣାପଡିଛି। ମିଲରଙ୍କୁ ସରକାରଙ୍କ ପକ୍ଷରୁ ଟାର୍ଗେଟ୍ ମିଳୁନଥିବା ବେଳେ ଚାଷୀଙ୍କ ମୋବାଇଲକୁ ଆସିଥିବା ଟୋକନରେ ଧାର୍ଯ୍ୟ ତାରିଖରେ ଧାନ ଗ୍ରହଣ ହୋଇନଥିବା ଦେଖିବାକୁ ମିଳିଛି। ହେଲେ ଧାର୍ଯ୍ୟ ତାରିଖରେ ଧାନ ନଦେଇ କାହିଁକି ବିଳମ୍ବ କରୁଥିବା ନେଇ ପୁଣି ଏକ ଚାଷୀଙ୍କ ସରକାରଙ୍କ ତରଫରୁ ଆସିଥିବା ଜଣାପଡିଛି। ଏଭଳି ଅବ୍ୟବସ୍ଥାର କାରଣ ଜାଣିବା ପାଇଁ ସ୍ଥାନୀୟ ଯୋଗାଣ ଅଧିକାରୀ ବଳରାମ ଜେନାଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳିତ



ଆସିକା,୧୯ ।୧(ସମିସ): ଆସିକା କଳିଙ୍ଗ ରୋଡ୍‌ରେ ଥିବା ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଜନ୍ମଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବେଦ ମାଙ୍ଗଳିକା, ଉଷା କୀର୍ତ୍ତନ, ଉଷା ବିନତି ପ୍ରାର୍ଥନା, ମାତୃ ସମ୍ମିଳନୀ, ନଗର କୀର୍ତ୍ତନ, ସନ୍ଧ୍ୟା ବିନତି ପ୍ରାର୍ଥନା କରାଯାଇଥିଲା। ରୀତିକ ବିଜୟ କୁମାର ପଣ୍ଡା, ବିଜୟ ବିଶ୍ୱାଳ, ହଜାରୀ ବେହେରା, ଭିଜାରୀ ପାତ୍ର, ରବୀନ୍ଦ୍ର ସାହୁ, ପ୍ରକାଶ ରାଓ, ଲାଛନା ଦୋରା, ବଳରାମ ମହାରଣା, ପ୍ରକାଶ ଚନ୍ଦ୍ର ରେଡ୍ଡୀ, ଶ୍ରୀନିବାସ କ୍ୟାମ୍ପ, ସନ୍ୟାସୀ ଜେନା, ରାମ ଜେନା, ବିଶ୍ୱଜିତ୍ ସାହୁ, ଦିଗମ୍ବର ରଣା, ସୁରେନ୍ଦ୍ର ସାହୁ, ସୂର୍ଯ୍ୟନାରାୟଣ ଦାସ, ଚନ୍ଦ୍ର ଶେଖର ମହାରଣା, ଶିବ ଶଙ୍କର ମିଶ୍ର, ସନ୍ତୋଷ କୁମାର ମିଶ୍ର, ରଜନୀ କାନ୍ତ ଦାସ, ଶ୍ରୀକାନ୍ତ ବେହେରା, ନାରାୟଣ ବେହେରା, କୁଳମଣି ସାହୁ, ସୁକେଶ ସାହୁଙ୍କ ସମେତ ହଜାର ହଜାର ଗୁରୁ ବାପା, ଭାଇ, ମା', ଭଉଣୀମାନେ ଉପସ୍ଥିତ ଥିଲେ।

